ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

32 YEARS

ସମ୍ବାଦ କଳିକା

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

ବିର୍ଜାଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ମୂଲ୍ୟ ୦୦.୭୫ ପଇସା 8 Pages, ₹ 2.00

● ବର୍ଷ–ତ୍ରୀତ୍ରୀ ● ସଂଖ୍ୟା–୨୮୬ ● ୧୭ ନଭେମ୍ବର ୨୦୨୬ ମଙ্গଳବାର ● ଭୁବନେଶ୍ୱର ● Vol -33 ● Issue-286 ● 17th November 2026, Tuesday ● Bhubaneswar RNI Regd.No. : 52640/94 Postal Regd.No. : BN-60/25-27

୬

ଦ୍ୱିତୀୟ ଥର ପାଇଁ ଆଇସିସିର ଅଧ୍ୟକ୍ଷ ହେଲେ ଜୟ ଶାହ



ଆନ୍ଧ୍ର ଉପକୂଳ ନେଲୋର-ଚୁନି ମଧ୍ୟରେ ଲ୍ୟାଣ୍ଡଫଲ୍

ଭୁବନେଶ୍ୱର, ୧୬।୧୧

ନ୍ୟୁଜ୍ ବ୍ୟୁରୋ

ଆସନ୍ତା ୨୦ ତାରିଖ ମଧ୍ୟାହ୍ନ ପାଖାପାଖି ଆନ୍ଧ୍ର ଉପକୂଳର ନେଲୋର-ଚୁନି ମଧ୍ୟରେ ଲ୍ୟାଣ୍ଡଫଲ୍ କରିପାରେ ସମ୍ଭାବ୍ୟ ବାତ୍ୟା ଅକବାନ୍। ଏହି ସମ୍ଭାବ୍ୟ ବାତ୍ୟାର ଗତିପଥ ଓ ଲ୍ୟାଣ୍ଡଫଲ୍‌କୁ ନେଇ ଗତ କିଛି ଦିନ ଧରି ଲାଗି ରହିଥିବା ସନ୍ଦେହସକୁ ଦୂର କରି ସୋମବାର ଏଭଳି ସୂଚନା ଦେଇଛନ୍ତି ଆଇଏମ୍‌ଡି ଡିଜି ଡ. ମୃତ୍ୟୁଞ୍ଜୟ ମହାପାତ୍ର। ଗତ ଅକ୍ଟୋବରରେ ଆସିଥିବା ଅତି ଭୀଷଣ ବାତ୍ୟା 'ଅର୍ଣ୍ଣବ' ଭଳି ଅକବାନ୍ ମଧ୍ୟ ଏକ ଭେରି ସିଭିୟର୍ ସାଇକ୍ଲୋନିକ୍ ଷ୍ଟର୍ମ ଆକାରରେ ଦକ୍ଷିଣ ଆନ୍ଧ୍ର ଉପକୂଳକୁ ଅତିକ୍ରମ କରିବାର ସମ୍ଭାବନା ରହିଛି। ତେବେ ଅର୍ଣ୍ଣବ ତୁଳନାରେ ଏହାର ପ୍ରଭାବ ଓଡ଼ିଶାରେ କମ୍ ରହିବ ବୋଲି ପୂର୍ବାନୁମାନ କରିଛି ପାଣିପାଗ ବିଭାଗ।

ଦକ୍ଷିଣ ବଙ୍ଗୋପ ସାଗରରେ ସକ୍ରିୟ ଗଭୀର ଅବପାତ ଧିରେ ଧିରେ ଶକ୍ତିଶାଳୀ ହୋଇ, ପଡ଼ୋଶୀ ଆନ୍ଧ୍ର ଉପକୂଳ ଆଡ଼କୁ ମୁହାଁଇଛି। ବାତ୍ୟାର ରୂପ ନେବା ପରେ ଏହା ଉତ୍ତର-ପଶ୍ଚିମ ଦିଗରେ ଗତି କରି ମଙ୍ଗଳବାର ସୁଦ୍ଧା ଏକ ସିଭିୟର ସାଇକ୍ଲୋନିକ୍ ଷ୍ଟର୍ମ ବା ଭୀଷଣ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି।



ଆଇଏମଡିର ପୂର୍ବାନୁମାନ ଅନୁଯାୟୀ, ୧୯ ତାରିଖ ରାତିରେ ଏହା ଏକ ଭେରି ସିଭିୟର୍ ସାଇକ୍ଲୋନିକ୍ ଷ୍ଟର୍ମ୍ ବା ଅତି ଭୀଷଣ ଘୂର୍ଣ୍ଣିବାତ୍ୟା ଭାବେ ଆନ୍ଧ୍ର ପ୍ରଦେଶ ଉପକୂଳ ନିକଟ ସମୁଦ୍ରରେ ପହଞ୍ଚିବ। ତା ପରଦିନ ଅର୍ଥାତ ୨୦ ତାରିଖ ମଧ୍ୟାହ୍ନ ପାଖାପାଖି ଏହା ନେଲୋର୍ ଓ ଚୁନି ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବାର ସମ୍ଭାବନା ରହିଛି। ସେତେବେଳକୁ ପବନର ବେଗ ଘଣ୍ଟାପ୍ରତି ୧୨୦ରୁ ୧୩୦ କିମି, ଝଟକା ପବନ ୧୪୫ କିଲୋମିଟର ରହିପାରେ।

ସମ୍ଭାବ ବାତ୍ୟା ପ୍ରଭାବରେ ଆସନ୍ତା ୧୮ ତାରିଖଠାରୁ ଓଡ଼ିଶାରେ ଆରମ୍ଭ ହୋଇଯିବ ବର୍ଷା। ସେହିଦିନ ଉପକୂଳ ଅଞ୍ଚଳରେ ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା ହେବ ବୋଲି ପୂର୍ବାନୁମାନ କରିଛି ଆଇଏମଡ଼ି। ତେବେ ୧୯, ୨୦ ଓ ୨୧ ତାରିଖରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି। ୧୯ ତାରିଖ ପାଇଁ ପୁରୀ, ଗଞ୍ଜାମ ଓ ଗଜପତି ଜିଲ୍ଲାକୁ ଜାରି ହୋଇଛି ଅରେଞ୍ଜ୍ ୱାର୍ଣ୍ଣିଂ। ୨୦ ତାରିଖରେ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲା ଏବଂ ୨୧ ତାରିଖରେ କୋରାପୁଟ, ନବରଙ୍ଗପୁର, ବରଗଡ଼, ଝାରସୁଗୁଡ଼ା ଓ ସୁନ୍ଦରଗଡ଼ ଜିଲ୍ଲା ପାଇଁ ଅରେଞ୍ଜ୍ ୱାର୍ଣ୍ଣିଂ ଜାରି *(ପୃଷ୍ଠା ୭ରେ)*

ସମ୍ଭାବ୍ୟ ବାତ୍ୟାକୁ ନେଇ ଉଚ୍ଚସ୍ତରୀୟ ସମୀକ୍ଷା

ଭୂ-ସ୍ଖଳନ ଆଶଙ୍କା ଥିଲେ ସ୍ଥାନାନ୍ତର

ଭୁବନେଶ୍ୱର, ୧୬।୧୧

ନ୍ୟୁଜ୍ ବ୍ୟୁରୋ



ବିପର୍ଯ୍ୟୟ ପରିଚାଳନା ବିଭାଗ ମନ୍ତ୍ରୀ ସୁରେଶ ପୂଜାରୀ। ଜନସାଧାରଣଙ୍କ ସୁରକ୍ଷା ଓ ଜୀବନ ରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ବିଭାଗ ଓ ଜିଲ୍ଲା ପ୍ରଶାସନ ପରସ୍ପର ମଧ୍ୟରେ ସମନ୍ୱୟ ରଖି ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସମ୍ପୂର୍ଣ୍ଣ ସଜାଗ ଓ ପ୍ରସ୍ତୁତ ରହିବା ଉପରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ।

ଭୁବନେଶ୍ୱରସ୍ଥିତ ରାଜ୍ୟ ଜରୁରୀକାଳୀନ ପରିଚାଳନା କେନ୍ଦ୍ର (ଏସଇଓସି)ର ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଏହି ସମୀକ୍ଷା ବୈଠକରେ ମୁଖ୍ୟ ଶାସନ ସଚିବଙ୍କ ସମେତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ଓ ସମ୍ପୃକ୍ତ କାର୍ଯ୍ୟାଳୟର ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଭାରତ ପାଣିପାଗ ବିଭାଗ (ଆଇଏମଡି) ପକ୍ଷରୁ ଜାରି ସଦ୍ୟତମ ପାଣିପାଗ ସୂଚନା ଓ ବାତ୍ୟାର ସମ୍ଭାବ୍ୟ ଗତିପଥ ସମ୍ପର୍କରେ ଆଲୋଚନା କରାଯିବା ସହ ରାଜ୍ୟରେ ଆଗୁଆ ପ୍ରସ୍ତୁତି, ଜନସୁରକ୍ଷା, ଉଦ୍ଧାର ଓ ରିଲିଫ୍ ବ୍ୟବସ୍ଥା *(ପୃଷ୍ଠା ୭ରେ)*

ସମର୍ପିତ ସେବା ଜନପ୍ରତିନିଧିଙ୍କ ଧେୟ ହେଉ : ଉପରାଷ୍ଟ୍ରପତି



ଭୁବନେଶ୍ୱର, ୧୬।୧୧

ନ୍ୟୁଜ୍ ବ୍ୟୁରୋ

ଉପ ରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ସୋମବାର ଭୁବନେଶ୍ୱରରେ ସପ୍ତଦଶ ଓଡ଼ିଶା ବିଧାନସଭାର ସଦସ୍ୟମାନଙ୍କ ପାଇଁ ଆୟୋଜିତ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉଦବୋଧନ ଦେଇଛନ୍ତି। ଭାରତର ସମୃଦ୍ଧ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିବା ନିମନ୍ତେ ଆହ୍ୱାନ ଦେବା ସହ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ମଜଭୁତ କରିବା ଲାଗି ଗଠନମୂଳକ ବିତର୍କ, ସଚେତନ ଆଲୋଚନା, ବିଧାନପାଳିକାର ଦକ୍ଷତା ଏବଂ ଲୋକ-କୈନ୍ଦ୍ରିକ ପ୍ରଶାସନ ଉପରେ ଉପ ରାଷ୍ଟ୍ରପତି ବିଶେଷ ଭାବେ ଗୁରୁତ୍ୱାରୋପ କରିଥିଲେ।

ଏଭଳି ଏକ ଦିଗଦର୍ଶନ କାର୍ଯ୍ୟକ୍ରମ ଆୟୋଜନ ଲାଗି ବାଚସ୍ପତି ସୁରମା ପାଢ଼ୀଙ୍କୁ ପ୍ରଶଂସା କରିଥିଲେ ଉପ ରାଷ୍ଟ୍ରପତି। ଏଭଳି କାର୍ଯ୍ୟକ୍ରମ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକୁ ମଜଭୁତ କରିବାରେ ପ୍ରମୁଖ ଭୂମିକା ନିର୍ବାହ କରିଥାଏ ଏବଂ ବିଧାୟକମାନଙ୍କୁ ସେମାନଙ୍କର ସାମ୍ବିଧାନିକ ଉତ୍ତରଦାୟିତ୍ୱ ଦକ୍ଷତାର ସହ ନିର୍ବାହ କରିବାକୁ ସକ୍ଷମ କରିଥାଏ ବୋଲି ଉପ ରାଷ୍ଟ୍ରପତି କହିଥିଲେ।

ଭାରତର ପ୍ରାଚୀନ ଗଣତାନ୍ତ୍ରିକ ପରମ୍ପରା ସମ୍ପର୍କରେ ଉଲ୍ଲେଖ କରି ଉପ ରାଷ୍ଟ୍ରପତି ବୈଶାଳୀର ଗଣତାନ୍ତ୍ରିକ ପ୍ରତିଷ୍ଠାନ ଏବଂ ଚୋଳ ଯୁଗର କୁଡ଼ାଭୋଲଇ *(ପୃଷ୍ଠା ୭ରେ)*

ଆଜିର ମୁଖ୍ୟ ଖବର

- ସୋସିଆଲ ମିଡିଆର ଉତ୍ତରଦାୟିତ୍ୱ ନିମନ୍ତେ ବ୍ୟବସ୍ଥା ସୃଷ୍ଟି କରିବା ପାଇଁ ସମାଜରେ ବିଚାର ବିମର୍ଶ ହେବା ଉଚିତ : ଅଶ୍ୱିନୀ ବୈଷ୍ଣବ।
- ପ୍ରଧାନମନ୍ତ୍ରୀ ବାଲେନ୍ଦ୍ର ଶାହଙ୍କ ଭାରତ ଗସ୍ତ ପୂର୍ବରୁ ବୈଦେଶିକ ମନ୍ତ୍ରୀ ଶିଶିର ଖନାଲଙ୍କୁ ଭେଟିଲେ ଭାରତୀୟ ରାଷ୍ଟ୍ରଦୂତ।
- ବାଣିଜ୍ୟ, ଶିକ୍ଷା ଓ ସାମୁଦ୍ରିକ ସୁରକ୍ଷା କ୍ଷେତ୍ରରେ ସହଯୋଗ ବଢ଼ାଇବେ ଆସିଆନ୍ ଓ ଅଷ୍ଟ୍ରେଲିଆ।
- ପୁଣେରେ ଅଜିତ ପାୱାରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କଲେ ଅମିତ ଶାହ।
- ୩୧୪ ବ୍ଲକରେ ନିର୍ମାଣ ହେବ ଷ୍ଟାଡିଅମ୍, ଖର୍ଚ୍ଚ ହେବ ୪୧୨୪ କୋଟି।
- ବାତ୍ୟା ମୁକାବିଲା ପାଇଁ ଆନ୍ଧ୍ର ସରକାରଙ୍କ ବଡ଼ ପ୍ରସ୍ତୁତି, ଅଧିକାରୀଙ୍କୁ ଆଲର୍ଟ କଲେ ମୁଖ୍ୟମନ୍ତ୍ରୀ।

ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩,୬୮୦ (-୮୨)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୨,୫୪୦ (-୭୫)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୨୬୦ (-୬୨)

ରୂପା ଦର

ରୂପା – ପ୍ରତି ଗ୍ରାମ ୧୯୦ (-୫)

ଫିଲିପାଇନ୍ସରେ ପ୍ରଧାନମନ୍ତ୍ରୀ ମୋଦୀ

ମାନିଲା, ୧୬।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁଇ ଦିବସୀୟ ଫିଲିପାଇନ୍ସ ଗସ୍ତରେ ଯାଇ ସୋମବାର ରାଜଧାନୀ ମାନିଲାରେ ପହଞ୍ଚିଛନ୍ତି। ରାଷ୍ଟ୍ରପତି ଫର୍ଡିନାଣ୍ଡ ଆର୍. ମାର୍କୋସ୍ ଜୁନିୟରଙ୍କ ନିମନ୍ତ୍ରଣକ୍ରମେ ପ୍ରଧାନମନ୍ତ୍ରୀ ମୋଦୀ ଫିଲିପାଇନ୍ସ ଗସ୍ତ କରିଛନ୍ତି। ମଙ୍ଗଳବାର ଉଭୟ ଶିଖର ସମ୍ମିଳନୀରେ ଯୋଗଦେବେ।

ମାନିଲା ବିମାନବନ୍ଦରରେ ତାଙ୍କୁ ଜୋରଦାର୍ ସ୍ୱାଗତ କରାଯାଇଥିଲା। ବୈଦେଶିକ ମନ୍ତ୍ରଣାଳୟ (ଏମ୍ଇଏ) କହିଛି ଯେ, ମୋଦୀ ମାନିଲାରେ ପହଞ୍ଚିବା ମାତ୍ରେ ଫିଲିପାଇନ୍ସର ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ବିଭାଗର ସଚିବ ରବର୍ଟ ମୋଣ୍ଟେସ୍ ଡି କ୍ରୁରୋ ତାଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଗସ୍ତ ଭାରତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାରଣ ସେ ୨୩ତମ ଏସିଆନ୍-ଭାରତ ଶିଖର ସମ୍ମିଳନୀ ଓ ୨୧ତମ ଏସିଆ ସମ୍ମିଳନୀରେ ଅଂଶଗ୍ରହଣ କରିବେ। ପ୍ରଧାନମନ୍ତ୍ରୀ *(ପୃଷ୍ଠା ୭ରେ)*



ଅର୍ଥମନ୍ତ୍ରୀଙ୍କ ପ୍ରାକ୍ ବଜେଟ୍ ସମୀକ୍ଷା

ନୂଆଦିଲ୍ଲୀ, ୧୬।୧୧

ଆସନ୍ତା ଆର୍ଥିକ ବର୍ଷ (୨୦୨୬-୨୮)ର ବଜେଟ୍ ପ୍ରସ୍ତୁତ କରିବା ଲାଗି ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବିଭିନ୍ନ ଅଂଶୀଦାରମାନଙ୍କ ସହ ବଜେଟ୍ ପୂର୍ବରୁ ହେଉଥିବା ଆଲୋଚନା ପ୍ରକ୍ରିୟା ଆରମ୍ଭ କରିଛନ୍ତି। ସେ ଅର୍ଥନୀତିଜ୍ଞ ଏବଂ କୃଷି ତଥା ଗ୍ରାମୀଣ ବିକାଶ କ୍ଷେତ୍ରର ବିଶେଷଜ୍ଞମାନଙ୍କୁ ଭେଟିଛନ୍ତି। ସେ ଅଂଶଗ୍ରହଣକାରୀମାନଙ୍କ ମତାମତ ଓ ପରାମର୍ଶ ଶୁଣିଛନ୍ତି।

ଅର୍ଥ ମନ୍ତ୍ରଣାଳୟର ଆର୍ଥିକ ବ୍ୟାପାର ବିଭାଗର ସଚିବ, ମୁଖ୍ୟ ଅର୍ଥନୈତିକ ପରାମର୍ଶଦାତା ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ମଧ୍ୟ ବୈଠକରେ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଶିଳ୍ପ, କୃଷି, ବାଣିଜ୍ୟ, ଶ୍ରମିକ ସଂଗଠନ ଓ ଅନ୍ୟ କ୍ଷେତ୍ରର ପ୍ରତିନିଧିମାନଙ୍କ ସହ ମଧ୍ୟ ପର୍ଯ୍ୟାୟକ୍ରମେ ଏଭଳି ଆଲୋଚନା କରାଯିବ। ଆସନ୍ତା ୨୦୨୭ ଫେବ୍ରୁଆରୀ ୧ରେ କେନ୍ଦ୍ର ବଜେଟ୍ ଉପସ୍ଥାପନ ହେବାର ସମ୍ଭାବନା ରହିଛି।



ପିକ୍‌ଅପ୍-ଏସ୍‌ୟୁଭି ଧକ୍କାରେ ୫ ମୃତ

ଚଣ୍ଡିଗଡ, ୧୬।୧୧

ପଞ୍ଜାବର ଫାଜିଲକାରେ ଭୟଙ୍କର ସଡ଼କ ଦୁର୍ଘଟଣା ଘଟି ୫ ଜଣଙ୍କର ମୃତ୍ୟୁ ହୋଇଛି। ଏକ ପିକଅପ୍ ଟ୍ରକ୍ ଓ ଏକ ଏସ୍‌ୟୁଭି ମଧ୍ୟରେ ଜୋରଦାର ଧକ୍କା ହୋଇଛି। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ତିନି ଜଣ ପିଲାଙ୍କ ସମେତ ପାଞ୍ଚ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୧ ଜଣ ଆହତ ହୋଇଛନ୍ତି।

ସମସ୍ତ ଆହତଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି, ଯେଉଁଠାରେ ସେମାନଙ୍କର ଚିକିତ୍ସା ଚାଲିଛି। ସମସ୍ତ ମୃତାହତ ଗୋଟିଏ ଏସ୍‌ୟୁଭିରେ ଥିଲେ। ସେମାନେ ସମସ୍ତେ ଚିଓ୍ୱାନା କଲାନ ଗାଁର ବାସିନ୍ଦା ଓ କରଣୀ ଖେରା ଗାଁରେ ସେମାନଙ୍କ ସମ୍ପର୍କୀୟଙ୍କ ଘରେ ଏକ ବିବାହ ଉତ୍ସବରେ ଯୋଗ ଦେଇ ଘରକୁ ଫେରୁଥିଲେ। ଟ୍ରକ୍ ଓ ଏକ ଏସ୍‌ୟୁଭି ମଧ୍ୟରେ ଧକ୍କା ଏତେ ତୀବ୍ର ଥିଲା ଦୁର୍ଘଟଣାର ଶବ୍ଦରେ ସ୍ଥାନୀୟ ଲୋକମାନେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଯାଇଥିଲେ। ସେମାନେ କ୍ଷତିଗ୍ରସ୍ତ ଗାଡ଼ି ଭିତରେ ଫସି ରହିଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରିବାରେ ସାହାଯ୍ୟ କରିଥିଲେ। ଆହତମାନଙ୍କୁ ତୁରନ୍ତ ଆମ୍ବୁଲାନ୍ସରେ ଡାକ୍ତରଖାନାକୁ ପଠାଯାଇଥିଲା।



ଋଷ୍ ଉପରେ ୟୁକ୍ରେନର ତୀବ୍ର ଆକ୍ରମଣ

ମସ୍କୋ, ୧୬।୧୧

ଋଷର ବଡ଼ ଆକ୍ରମଣ ପରେ ୟୁକ୍ରେନ ମସ୍କୋ ଉପରେ ପାଲଟା ଆକ୍ରମଣ କରିଛି। ୟୁକ୍ରେନ୍ ୧୩୩୬ ଡ୍ରୋନ୍ ସାହାଯ୍ୟରେ ରାଜଧାନୀ ମସ୍କୋ ସମେତ ବିଭିନ୍ନ ଅଞ୍ଚଳକୁ ଟାର୍ଗେଟ କରିଥିବା ଋଷ୍ ପ୍ରତିରକ୍ଷା ମନ୍ତ୍ରଣାଳୟ ଏକ ବିବୃତିରେ କହିଛି। ଏହି ଆକ୍ରମଣରେ ଋଷ୍ ଅଧିକୃତ କ୍ରିମିଆ ଉପଦ୍ୱୀପକୁ ସଂଯୋଗ କରୁଥିବା ପ୍ରମୁଖ ସେତୁ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ଋଷର ପ୍ରତିରକ୍ଷା ମନ୍ତ୍ରଣାଳୟ ଅନୁସାରେ, ନଭେମ୍ବର ୧୬ ତାରିଖ ରାତିରେ ୟୁକ୍ରେନ୍ ଏହି ଆକ୍ରମଣ କରିଥିଲା।

ଏକାଳ ପଖାଳ



ତିନି ସପ୍ତାହରେ ତିନି ବାତ୍ୟା
ଆଉ ଯଦି ଅଛି ଦିଅ
କଷ୍ଟ ଯେତକ ସହି ସହି ଆମ
କାଠ ହୋଇଲାଣି ଦେହ
ହେ ଈଶ୍ୱର ଟିକେ କୁହ
ଅଣ୍ଡା ନ ସଳଖୁ ପୁଣି ଭାଙ୍ଗୁଛ
ଇଏ ଭଲ କଥା ନୁହେଁ।

ବିଧାନସଭା ଅଧିବେଶନ ପୂର୍ବରୁ ରାଜ୍ୟ ପୁଲିସର ଆଇନଶୃଙ୍ଖଳା ଓ ଅପରାଧ ଚିନ୍ତା




ଭୁବନେଶ୍ୱର, ୧୬।୧୧

ନ୍ୟୁଜ୍ ବ୍ୟୁରୋ

ଭୁବନେଶ୍ୱରସ୍ଥିତ ଡିଜିପିଙ୍କ କ୍ୟାମ୍ପ କାର୍ଯ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ଆସନ୍ତା ଓଡ଼ିଶା ବିଧାନସଭା ଅଧିବେଶନର ପ୍ରସ୍ତୁତି, ରାଜ୍ୟର ଆଇନଶୃଙ୍ଖଳା ପରିସ୍ଥିତି ଓ ଅପରାଧ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ନେଇ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଅନୁଷ୍ଠିତ ହୋଇଯାଇଛି।

ବୈଠକରେ ଆଗାମୀ ବିଧାନସଭା ଅଧିବେଶନକୁ ଶାନ୍ତିପୂର୍ଣ୍ଣ ଭାବରେ ସମ୍ପନ୍ନ କରିବା ନିମନ୍ତେ ପୋଲିସ ପକ୍ଷରୁ ଆବଶ୍ୟକ ସୁରକ୍ଷା ଓ ଆଇନଶୃଙ୍ଖଳା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା ହୋଇଥିଲା। ଏଥିସହିତ ଆଗାମୀ ଦିନରେ ରାଷ୍ଟ୍ରପତି, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ଥିବାରୁ ଭିଭିଆଇପି ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି।

ଏଥିସହିତ ଆଗକୁ ହେବାକୁ ଥିବା ବିଭିନ୍ନ ପର୍ବପର୍ବାଣୀ ଯଥା କାର୍ତ୍ତିକ ପୂର୍ଣ୍ଣିମା, ବଡ଼ଓଷା, ବାଲିଯାତ୍ରା ଓ ବେଳାଭୂମି ମହୋତ୍ସବ ଭଳି *(ପୃଷ୍ଠା ୭ରେ)*



ସୌଜନ୍ୟ : ସୋସିଆଲ ମିଡିଆ

32 YEARS
ସମ୍ବାଦ ଜହ୍ନିକା
ଭୁବନେଶ୍ୱର ୧୭ ନଭେମ୍ବର ମଙ୍ଗଳବାର ୨୦୨୬



ଫୋଟରେସ୍ ଟିକେଟ୍ ଯାଞ୍ଚ ଅଭିଯାନରେ ପୂର୍ବତଟ ରେଳପଥରେ ବୃଦ୍ଧି ପାଉଛି ଟିକେଟ୍ ବୁକିଂ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ପୂର୍ବ ତଟ ରେଳପଥ ନିଜ ଅଧିକାର କ୍ଷେତ୍ରର ପ୍ରମୁଖ ରେଳ ଷ୍ଟେସନଗୁଡ଼ିକରେ ସ୍ୱତନ୍ତ୍ର ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ମାଧ୍ୟମରେ ଟିକେଟ୍ ଅନୁଶାସନକୁ ପ୍ରୋତ୍ସାହିତ କରିବା ସହ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ ପ୍ରୟାସକୁ ଆହୁରି ତୀବ୍ର କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଯାତ୍ରୀମାନଙ୍କୁ ବୈଧ ଟିକେଟ୍ କ୍ରୟ ପାଇଁ ଉତ୍ସାହିତ କରିବା, ରେଳ ନିୟମର ଅନୁପାଳନ ସୁନିଶ୍ଚିତ କରିବା ଏବଂ ରେଳ ରାଜସ୍ୱର ସୁରକ୍ଷା କରିବା। ଏହି ଅଭିଯାନରେ ରେଳପଥର ବାଣିଜ୍ୟ ବିଭାଗର କର୍ମଚାରୀମାନେ ସମନ୍ୱିତ ଭାବେ ଟିକେଟ୍ ଯାଞ୍ଚ କରିବା, ଅନିୟମିତତା ଚିହ୍ନଟ କରିବା ଏବଂ ବୈଧ ଟିକେଟ୍ ବିନା ଯାତ୍ରାକୁ ନିରୁତ୍ସାହିତ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ନିୟମିତ ଏବଂ ସୁନିର୍ଦ୍ଦିଷ୍ଟ ଟିକେଟ୍ ଯାଞ୍ଚ ଯାତ୍ରା ପୂର୍ବରୁ ଟିକେଟ୍ କ୍ରୟର ଗୁରୁତ୍ୱକୁ ସୁଦୃଢ଼ କରିବା ସହ ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରୁଛି। ଟିକେଟ୍ ଯାଞ୍ଚ ଅଭିଯାନ ପରିପ୍ରେକ୍ଷୀରେ ଭୁବନେଶ୍ୱର ଓ ସମ୍ବଲପୁର ସମେତ ପ୍ରମୁଖ ଷ୍ଟେସନଗୁଡ଼ିକରେ ଅନରିଜର୍ଭଡ୍ ଟିକେଟିଂ ସିଷ୍ଟମ୍ ମାଧ୍ୟମରେ ଟିକେଟ୍ ବୁକିଂ କାର୍ଯ୍ୟକଳାପରେ ବୃଦ୍ଧି ଲକ୍ଷ୍ୟ କରାଯାଇଛି। ବିଶେଷ ଭାବେ, ଫୋର୍ଟ୍ରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଦିନ ୟୁଟିଏସ୍ ଟିକେଟ୍ ବୁକିଂରେ ୨୯ ପ୍ରତିଶତ ବୃଦ୍ଧି ରେକର୍ଡ କରାଯାଇଛି, ଯାହା ଯାଞ୍ଚ ଅଭିଯାନ ସମୟରେ ଟିକେଟ୍ କ୍ରୟ ପ୍ରବୃତ୍ତିରେ ସକାରାତ୍ମକ ପରିବର୍ତ୍ତନକୁ ସୂଚିତ କରୁଛି। ପୂର୍ବତଟ ରେଳପଥର ବାଣିଜ୍ୟ ବିଭାଗ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ସମନ୍ୱିତ ଟିକେଟ୍ ଯାଞ୍ଚ କାର୍ଯ୍ୟକ୍ରମ ମାଧ୍ୟମରେ ଏହି ପଦକ୍ଷେପକୁ ସଫଳତାର ସହ କାର୍ଯ୍ୟକାରୀ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ପ୍ରଧାନ ମୁଖ୍ୟ ବାଣିଜ୍ୟ ପ୍ରବନ୍ଧକଙ୍କ ଦଳ ସହିତ ମୁଖ୍ୟାଳୟ ଏବଂ ଡିଭିଜନଗୁଡ଼ିକର ବାଣିଜ୍ୟ ବିଭାଗୀୟ କର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ, ତଦାରଖକୁ ସୁଦୃଢ଼ କରିଛି ଏବଂ ଟିକେଟ୍ ନିୟମର ପ୍ରଭାବଶାଳୀ ପ୍ରବର୍ତ୍ତନ ସୁନିଶ୍ଚିତ କରିବାରେ ସାହାଯ୍ୟ କରିଛି। ଫୋଟରେସ୍ ଟିକେଟ୍ ଯାଞ୍ଚ ଅଭିଯାନ କେବଳ ଟିକେଟ୍ ସମ୍ବନ୍ଧୀୟ ଅନିୟମିତତା ଚିହ୍ନଟ କରିବା ଏବଂ ଜୋରିମାନା ଆଦାୟ ମଧ୍ୟରେ ସୀମିତ ନୁହେଁ। ଏହାର ବ୍ୟାପକ ଉଦ୍ଦେଶ୍ୟ ହେଉଛି ପ୍ରତ୍ୟେକ ଯାତ୍ରାର ଏକ ଅବିଚ୍ଛିନ୍ନ ଅଂଶ ଭାବେ ଟିକେଟ୍ କ୍ରୟ କରିବା ପାଇଁ ଯାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା। ନିୟମିତ ଟିକେଟ୍ ଯାଞ୍ଚ ବିନା ଟିକେଟ୍ ଓ ଅନଧିକୃତ ଯାତ୍ରାକୁ ନିରୁତ୍ସାହିତ କରିବା ସହ ରେଳ ନିୟମର ଅନୁପାଳନକୁ ସୁଦୃଢ଼ କରୁଛି। ଏହା ବୈଧ ଟିକେଟ୍ ଧରି ଯାତ୍ରା କରୁଥିବା ଯାତ୍ରୀମାନଙ୍କ ପ୍ରତି ନ୍ୟାୟସଙ୍ଗତ ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ସହ ରେଳବାଇର ବୈଧ ରାଜସ୍ୱ ସୁରକ୍ଷାରେ ସହାୟକ ହେଉଛି। ଏପ୍ରିଲ ୨୦୨୬ ଠାରୁ ୟୁଟିଏସ୍ ମାଧ୍ୟମରେ ଟିକେଟ୍ ବୁକିଂରେ ହୋଇଥିବା ବୃଦ ଯାତ୍ରା ଟିକେଟ କରିବା ପାଇଁ ପ୍ରୋତ୍ସାହିତ କରିବା ଦିଗରେ ଏକ ଉତ୍ସାହଜନକ ପ୍ରଗତି। ନିୟମ କାର୍ଯ୍ୟକାରୀ କରିବା ସହିତ ସହଜରେ ଉପଲବ୍ଧ ଟିକେଟ୍ ବୁକିଂ ସୁବିଧା ଏବଂ ଯାତ୍ରୀ ସଚେତନତା ଟିକେଟ୍ କ୍ରୟକୁ ଆହୁରି ସହଜ କରିବା ସହ ନିର୍ଦ୍ଧାରିତ ପ୍ରକ୍ରିୟାର ଅନୁପାଳନକୁ ପ୍ରୋତ୍ସାହିତ କରିପାରିବ। ମୁଖ୍ୟାଳୟ, ମଣ୍ଡଳ ଅଧିକାରୀ ଏବଂ ଟିକେଟ୍ ଯାଞ୍ଚ ଦଳଗୁଡ଼ିକର ସମନ୍ୱିତ ପ୍ରୟାସ ମାଧ୍ୟମରେ ବାଣିଜ୍ୟିକ ପରିଚାଳନାକୁ ଉନ୍ନତ କରିବା ପ୍ରତି ପୂର୍ବ ତଟ ରେଳପଥର ପ୍ରତିବଦ୍ଧତାକୁ ଏହି ପଦକ୍ଷେପ ପ୍ରତିଫଳିତ କରୁଛି। ଏହି ସକାରାତ୍ମକ ପ୍ରଗତିକୁ ଅବ୍ୟାହତ ରଖିବା ପାଇଁ ପୂର୍ବତଟ ରେଳପଥ ଜୋନ୍‌ର ପ୍ରମୁଖ ଷ୍ଟେସନଗୁଡ଼ିକରେ ନିୟମିତ ବ୍ୟବଧାନରେ ଫୋଟରେସ୍ ଟିକେଟ୍ ଯାଞ୍ଚ ଅଭିଯାନ ଆୟୋଜନ କରିବାକୁ ଯୋଜନା କରିଛି। ନିୟମିତ ଟିକେଟ୍ ଯାଞ୍ଚ ସହିତ ସୁବିଧାଜନକ ଟିକେଟ୍ ବୁକିଂ ବ୍ୟବସ୍ଥା ଏବଂ ଯାତ୍ରୀ ସଚେତନତା, ବୈଧ ଟିକେଟ୍ କ୍ରୟକୁ ପ୍ରୋତ୍ସାହିତ କରିବା, ଅନଧିକୃତ ଯାତ୍ରା ହ୍ରାସ କରିବା ଏବଂ ରେଳପଥ ରାଜସ୍ୱର ସୁରକ୍ଷାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏହି ପଦକ୍ଷେପ ଆରମ୍ଭ ହେବା ପରଠାରୁ ୟୁଟିଏସ୍ ଟିକେଟ୍ ବୁକିଂରେ ଦେଖାଦେଇଥିବା ଉତ୍ସାହଜନକ ବୃଦ୍ଧି, ଦାୟିତ୍ୱବାନ ଯାତ୍ରା ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ପୂର୍ବତଟ ରେଳପଥ ନେଟୱାର୍କରେ ଟିକେଟ୍ ଶୃଙ୍ଖଳାକୁ ଆହୁରି ସୁଦୃଢ଼ କରିବା ପାଇଁ ନିରନ୍ତର ପ୍ରୟାସର ଗୁରୁତ୍ୱକୁ ପ୍ରତିପାଦିତ କରୁଛି।

ଧର୍ମକ୍ଷେତ୍ରରେ ଅଧିକାଂଶ ହୋଟେଲରେ ନାହିଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା !

ପୁରୀ, ନ୍ୟୁଜ ବ୍ୟୁରୋ

ଧର୍ମକ୍ଷେତ୍ର ଶ୍ରୀକ୍ଷେତ୍ର । ମହାପ୍ରଭୁଙ୍କ ଦର୍ଶନ ସହ ବେଳାଭୂମିରେ ସମୟ ଅତିବାହିତ କରିବାକୁ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ପୁରୀ ଆସନ୍ତି । ଏହାରି ଭିତରେ ଗତ ଶୁକ୍ରବାର ହୋଟେଲରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣା ପରେ ପର୍ଯ୍ୟଟକ ଛାତିରେ ଛନକା ପଶିଛି । ହୋଟେଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥାକୁ ନେଇ ଉଠିଛି ପ୍ରଶ୍ନ । କାରଣ ପୁରୀ ସହରରେ ଛୋଟ ବଡ ଲଜ, ଗେଷ୍ଟ ହାଉସ, ହୋମ୍ ଷ୍ଟେ, ହୋଟେଲକୁ ହିସାବ ନେଲେ ଏହି ସଂଖ୍ୟା ଏକ ହଜାରରୁ ଅଧିକ ହେବ । ଚିନ୍ତାଜନକ ବିଷୟ ହେଉଛି ପୁରୀରେ ୮୦ ପ୍ରତିଶତ ହୋଟେଲରେ ଅଗ୍ନିଶମ ବିଭାଗର ଗାଇଡ ଲାଇନ୍ ଅନୁସାରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । ଶ୍ରୀମନ୍ଦିର ଚାରିପାଖେ ଥିବା ସାହି ଗୁଡ଼ିକରେ ଛତୁ ଫୁଟିବା ଭଳି ଲଜ, ଗେଷ୍ଟ ହାଉସ ଓ ହୋମ୍ ଷ୍ଟେ ରହିଛି । ଏଗୁଡ଼ିକ ଅନେକ ସଂକୀର୍ଣ୍ଣ ସ୍ଥାନରେ ଥିବାରୁ ଅଗ୍ନିକାଣ୍ଡ ଘଟିଲେ ସଙ୍ଗେ ସଙ୍ଗେ ଅଗ୍ନିକାଣ୍ଡକୁ ନିୟନ୍ତ୍ରଣ ଓ



ଲୋକଙ୍କୁ ଉଦ୍ଧାର ପାଇଁ ଘଟଣା ସ୍ଥଳରେ ଅଗ୍ନିଶମ ବାହିନୀର ଗାଡି ପହଞ୍ଚି ପାରିବ ନାହିଁ । ଯାହା ଫଳରେ ବ୍ୟାପକ ଧନ ଜୀବନହାନିର ଆଶଙ୍କା ରହିଛି । ଅନେକ ଲୋକ ବିନା ଟ୍ରେଡ ଲାଇସେନ୍ସରେ ବେଆଇନ ଲଜ ଓ ହୋମ୍ ଷ୍ଟେ କରି ବ୍ୟବସାୟ କରୁଛନ୍ତି। ସୂଚନା ଯୋଗ୍ୟ ଯେ, ଗତଶୁକ୍ରବାର ଅପରାହ୍ନରେ ବଡଦାଣ୍ଡର ମାର୍କେଟ ଛକ ନିକଟରେ ଥିବା ଏକ ହୋଟେଲ୍ ବିସ୍ଫୋରଣ ହୋଇଥିଲା । ଗ୍ୟାସ୍ ସିଲିଣ୍ଡର ବିସ୍ଫୋରଣ ଯୋଗୁଁ ଭୟଙ୍କର ବିସ୍ଫୋରଣ ହୋଇଥିବା ବେଳେ ଏଥିରେ ୩ ଜଣ ଆହତ ହୋଇଥିଲେ। ବଡ଼ଦାଣ୍ଡରେ ଅନେକ ହୋଟେଲ୍, ଲଜ ରହିଛି ଯାହାର କି ଅଗ୍ନି ନିରାପତ୍ତା ବ୍ୟବସ୍ଥା ନାହିଁ । ଏଣୁ ଆଗାମୀ ଦିନରେ କିଛି ଅଘଟଣ ଘଟିଲେ ବ୍ୟାପକ ଧନ ଜୀବନହାନି ହେବାର ଆଶଙ୍କା ରହିଛି । ସେପଟେ ବଡଦାଣ୍ଡରେ ଟିପି ହୋଟେଲରେ ଗ୍ୟାସ ସିଲିଣ୍ଡର ବିସ୍ଫୋରଣ ଘଟଣାରେ ହୋଟେଲ୍ କର୍ତ୍ତୃପକ୍ଷଙ୍କୁ ଅଗ୍ନିଶମ ବିଭାଗ ପକ୍ଷରୁ ନୋଟିସ୍ କରାଯାଇଛି । ୧୫ ଦିନ ଭିତରେ ଜବାବ ଦେବା ପାଇଁ ନୋଟିସ ହୋଇଥିବା ବେଳେ ଏହାର ଜବାବ ଆସିବା ପରେ କାର୍ଯ୍ୟନୁଷ୍ଠାନ ନିଆଯିବ ବୋଲି ଅଗ୍ନିଶମ ଅଧିକାରୀ କହିଛନ୍ତି । ପୁରୀ ଅଗ୍ନିଶମ କେନ୍ଦ୍ରର ଆସିଷ୍ଟାଣ୍ଟ ଫାୟାର ଅଫିସର ପ୍ରଭାତ କୁମାର ରାଉତ କହିଛନ୍ତି, 'ବଡଦାଣ୍ଡରେ ଟିପି ହୋଟେଲରେ ଗ୍ୟାସ ସିଲିଣ୍ଡର ଫାଟି ବିସ୍ଫୋରଣ ହୋଇଥିଲା । ଏହି ଘଟଣାରେ ହୋଟେଲ୍ କର୍ତ୍ତୃପକ୍ଷଙ୍କୁ ନୋଟିସ ହୋଇଛି । ନୋଟିସ ଜବାବ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ । ତେବେ ବିଗତ ଦିନରେ ପୁରୀ ସହରରେ ଥିବା ସବୁ ହୋଟେଲକୁ ଯାଇ ଆମେ ସଚେତନ କରିଛୁ । ଆଗାମୀ ଦିନରେ ମଧ୍ୟ ସଚେତନତା କାର୍ଯ୍ୟକ୍ରମ ଜାରି ରହିବ। ଖୁବ୍ ସବୁ ହୋଟେଲକୁ ଯାଞ୍ଚ କରାଯାଇ ଗ୍ୟାସ ସିଲିଣ୍ଡରକୁ ସୁରକ୍ଷିତ ଭାବେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯିବ ।' ପୁରୀ ମହାନଗର ନିଗମ ଯୁଗ୍ମ କମିଶନର ଅଭିମନ୍ୟୁ ବେହେରା କହିଛନ୍ତି, 'ହୋଟେଲରେ ଲୋକଙ୍କ ସୁରକ୍ଷା ପାଇଁ ଅଗ୍ନି ନିରାପତ୍ତା ବ୍ୟବସ୍ଥା ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେବେ ପୁରୀ ମହାନଗର ନିଗମ, ଅଗ୍ନିଶମ ବିଭାଗ, ପୋଲିସ, ଯୋଗାଣ ବିଭାଗର ଏକ ମିଳିତ ଟିମ୍ ବିଭିନ୍ନ ହୋଟେଲକୁ ଯାଞ୍ଚ କରିବେ । ସଚେତନ କରିବେ । ନିୟମ ଉଲ୍ଲଂଘନ ହେଲେ ଜରିମାନା କରାଯିବ । ପୁରୀ ସହରକୁ ବହୁତ ଅଧିକ ପର୍ଯ୍ୟଟକ ଆସୁଛନ୍ତି । ଏଣୁ ସେମାନଙ୍କ ରହିବାକୁ ଅଧିକ ସହଜ କରିବା ପାଇଁ ହୋମ୍ ଷ୍ଟେକୁ ଅନୁମତି ଦିଆଯାଇଛି । ତେବେ ଯେଉଁ ମାନେ ବିନା ଟ୍ରେଡ ଲାଇସେନ୍ସ ଓ ଅଗ୍ନି ନିରାପତ୍ତା ବ୍ୟବସ୍ଥାରେ ବ୍ୟବସାୟ କରୁଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।'

କେନ୍ଦୁଝରରେ 'କୋଟିଏ ହସ' କାର୍ଯ୍ୟକ୍ରମ

'ଶିଶୁମାନଙ୍କ ଲାଳନପାଳନରେ ମା'ଙ୍କ ସହ ପିତାଙ୍କର ମଧ୍ୟ ସମାନ ଦାୟିତ୍ୱ ରହିଛି'



କେନ୍ଦୁଝର, ନ୍ୟୁଜ

ଶିଶୁ ଦିବସ ଅବସରରେ ଆଜି କେନ୍ଦୁଝରସ୍ଥିତ ଚକ ଅଙ୍ଗନୱାଡ଼ି କେନ୍ଦ୍ରଠାରେ ଜିଲ୍ଲା ସମାଜ ମଙ୍ଗଳ ବିଭାଗ ପକ୍ଷରୁ 'କୋଟିଏ ହସ' କାର୍ଯ୍ୟକ୍ରମ ଆନନ୍ଦ ଓ ଉତ୍ସାହର ସହ ଆୟୋଜିତ ହୋଇଯାଇଛି । ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ଓ ଆତ୍ମବିଶ୍ୱାସର ବିକାଶ ସହ ସେମାନଙ୍କ ପାଇଁ ଏକ ଆନନ୍ଦମୟ ଓ ଶିଶୁ ଅନୁକୂଳ ପରିବେଶ ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଭାନୁମତୀ ବେହେରା, ସମାଜ ମଙ୍ଗଳ ଅଧିକାରୀ ପାନମଣି ହାଁସଦା, ଅତିରିକ୍ତ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମିସ୍ ସୁଧା ଗୋସ୍ୱାମୀ, ଆଇସିଡିଏସ୍ ସେଲ୍‌ର କାର୍ଯ୍ୟକ୍ରମ ଅଧିକାରୀ ବାସନ୍ତୀ ମହାନ୍ତ, ସଦର ଆଇସିଡିଏସ୍ ପ୍ରକଳ୍ପର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ସ୍ୱର୍ଣ୍ଣଲତା ବେହେରା, ଆଇଡିଏର ସଚିବ ସେବତୀ ସିଂହ ଏବଂ ପୋଷଣ ଅଭିଯାନର ଜିଲ୍ଲା ସଂଯୋଜକ ଅଜିତ କୁମାର ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଏଥିସହ ବିଭାଗୀୟ ଅଧିକାରୀ, ମହିଳା ପରିଦର୍ଶିକା, ଅଙ୍ଗନୱାଡ଼ି କର୍ମୀ, ଶିଶୁ ଓ ସେମାନଙ୍କ ଅଭିଭାବକମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ଏକ ପ୍ରମୁଖ ଆକର୍ଷଣ ଥିଲା ପୁରୁଷ ଅଭିଭାବକମାନଙ୍କ ସକ୍ରିୟ ଅଂଶଗ୍ରହଣ। ସେମାନେ ନିଜ ହାତରେ ଶିଶୁମାନଙ୍କ ପାଇଁ ବିଭିନ୍ନ ପ୍ରକାରର ଖେଳନା ପ୍ରସ୍ତୁତ କରିଥିଲେ। ଶିଶୁଙ୍କ ଲାଳନପାଳନ ଓ ପ୍ରାରମ୍ଭିକ ଶିକ୍ଷାରେ ମା'ଙ୍କ ସହ ପିତାଙ୍କର ମଧ୍ୟ ସମାନ ଭୂମିକା ରହିଛି ବୋଲି ଏହା ମାଧ୍ୟମରେ ଏକ ସକାରାତ୍ମକ ସାମାଜିକ ବାର୍ତ୍ତା ପ୍ରଦାନ କରାଯାଇଥିଲା। ଏହି ଅବସରରେ ଶିଶୁମାନଙ୍କ ପ୍ରାରମ୍ଭିକ ଶିକ୍ଷା ଓ ସାମଗ୍ରିକ ବିକାଶ ସମ୍ବନ୍ଧୀୟ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା। ଏଥିସହ ଶିଶୁମାନଙ୍କ ମଧ୍ୟରେ ସଙ୍ଗୀତ, ଗଳ୍ପ କଥନ, ଚିତ୍ରାଙ୍କନ, ନୃତ୍ୟ ଓ ଅଭିନୟଭିତ୍ତିକ ଗୀତ ଆଦି ବିଭିନ୍ନ ସୃଜନଶୀଳ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଶିଶୁ ଓ ଅଭିଭାବକମାନଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ଉପସ୍ଥିତ ସମସ୍ତ ଶିଶୁଙ୍କୁ ଉପହାର ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ଶିଶୁମାନଙ୍କ ମଧ୍ୟରେ ଆନନ୍ଦ ଓ ଉତ୍ସାହ ସୃଷ୍ଟି କରିବା ସହ ସେମାନଙ୍କ ସାମଗ୍ରିକ ବିକାଶରେ ପରିବାର, ସମାଜ ଓ ପ୍ରଶାସନର ସମୂହ ଭାଗୀଦାରିର ଗୁରୁତ୍ୱକୁ ପ୍ରତିଫଳିତ କରିଥିଲା।

ନିର୍ବାଚନ ମଣ୍ଡଳୀ ସ୍ତରୀୟ କୁଇଜ୍ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା



ଜଗତସିଂହପୁର, ନ୍ୟୁଜ ବ୍ୟୁରୋ

ନିର୍ବାଚନ ସାକ୍ଷରତା କ୍ଲବ୍ ଆନୁକୂଲ୍ୟରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ କୁଇଜ୍ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହ ଠାରେ ଆୟୋଜିତ ହୋଇଯାଇଛି। ଜିଲ୍ଲାର ୪ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହାବିଦ୍ୟାଳୟରୁ କୃତୀ ପ୍ରତିଯୋଗୀମାନେ ଆସି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନିର୍ବାଚନ ସମ୍ପର୍କିତ ସଚେତନତା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ମତଦାନର ଗୁରୁତ୍ୱ ସମ୍ପର୍କରେ ଜ୍ଞାନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି କୁଇଜ୍ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଓଡ଼ିଆ ପ୍ରବନ୍ଧର ବିଷୟବସ୍ତୁ ଥିଲା 'ଶୁଦ୍ଧ ଭୋଟର ତାଲିକା ଓ ସଠିକ ମତଦାନ' ଏବଂ ଇଂରାଜୀ ପ୍ରବନ୍ଧର ବିଷୟବସ୍ତୁ ଥିଲା 'Pure Electoral roll and proper voting'। ପ୍ରତିଯୋଗିତା ପରେ ୧୦୧ ପାରାଦ୍ୱୀପ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ନିରଞ୍ଜନ ବେହେରା, ୧୦୩ ବାଲିକୁଦା-ଏରସମା ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତ ଓ ୧୦୪ ଜଗତସିଂହପୁର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ତଥା ଉପ ଜିଲ୍ଲାପାଳ ପ୍ରଶାନ୍ତ କୁମାର ତରାଇ ଛାତ୍ରଛାତ୍ରୀ ମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ ମାନେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ। ଏହି ପଦକ୍ଷେପର ମୂଳ ଲକ୍ଷ୍ୟ ହେଉଛି ଯୁବପିଢ଼ିଙ୍କ ମଧ୍ୟରେ ନିର୍ବାଚନୀ ସାକ୍ଷରତା ବୃଦ୍ଧି କରିବା ସହିତ ସେମାନଙ୍କୁ ଜଣେ ସଚେତନ, ଦାୟିତ୍ୱବାନ ଓ ସକ୍ରିୟ ନାଗରିକ ଭାବେ ଗଢ଼ି ତୋଳିବା। ଡେପୁଟି କଲେକ୍ଟର ତୃପ୍ତିମୟୀ ପ୍ରଧାନ, ଡେପୁଟି କଲେକ୍ଟର କୁଞ୍ଜିତା ସାମଲ, ଡେପୁଟି କଲେକ୍ଟର ମନୋଜ କୁମାର ସାହୁ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଚୀ ତନୟା ମହାନ୍ତି, ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଜିଲ୍ଲା ନିର୍ବାଚନ ବିଭାଗ ଓ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

ପୂର୍ଣ୍ଣଚନ୍ଦ୍ରଙ୍କ ସ୍ମୃତିରେ ୩୫ ୟୁନିଟ୍ ରକ୍ତ ସଂଗ୍ରହ

ଦିଗପହଣ୍ଡି, ନ୍ୟୁଜ ବ୍ୟୁରୋ

ଦିଗପହଣ୍ଡି ବ୍ଲକ୍ କମାସାହି ବାଲାଜିମଠ ପରିସରରେ ବାଲାଜି ଯୁବ ସଂଘ, ଖେମୁଣ୍ଡି ରକ୍ତଦାତା ସଂଘ ଓ 'ସମ୍ବାଦ'-ଆମ ଓଡ଼ିଶାର ମିଳିତ ଆନୁକୂଲ୍ୟରେ କେ.ପୂର୍ଣ୍ଣଚନ୍ଦ୍ର ଦୋରାଙ୍କ ସ୍ମୃତିରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରରୁ ମୋଟ ୩୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବ୍ରହ୍ମପୁର ରକ୍ତକେନ୍ଦ୍ର ପକ୍ଷରୁ ରକ୍ତ ସଂଗ୍ରହ କରାଯାଇଥିଲା। ଏନ୍‌ଏସି ଅଧ୍ୟକ୍ଷ ପ୍ରଫୁଲ୍ଲ ପଣ୍ଡା, କାଉନସିଲର ଦୀପକ ମିଶ୍ର, ଖେମୁଣ୍ଡି ରକ୍ତଦାତା ସଂଘର ସଭାପତି ଭି. ଧର୍ମାରାଜୁ, ତିରୁପତି ପ୍ରସାଦ ଓ ସମାଜସେବୀ ଲଲାଟେନ୍ଦୁ ପ୍ରଧାନ ପ୍ରମୁଖ ଯୋଗ ଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ସ୍ୱେଚ୍ଛାକୃତ ରକ୍ତଦାତାମାନେ ହେଲେ କେ.ବଳରାମ ପ୍ରସାଦ ଦୋରା, ବି.ଶେଷାନ କୁମାର, ବିବେକ ସାହୁ, ରାଜେନ୍ଦ୍ର ଦୋରା, ରାହୁଲ ପଟ୍ଟନାୟକ, ଆଶିଷ କୁମାର ସାମନ୍ତ, ରବିନାରାୟଣ ଗୌଡ଼, ଶିବ ଆଲୁ, ଆଶିଷ ବେହେରା, ରୋଶନ କୁମାର ଥାପ୍ପା, ପ୍ରବୀଣ କୁମାର ପାଣିଗ୍ରାହୀ, ଦେବାଶିଷ ପଣ୍ଡା, କୁନା ସାହୁ, ବି.ଉମାପତି ରେଡ଼ୀ, ଦିବାନା ବେହେରା, ବି.ଶିବ ରେଡ଼ୀ, ସୁନୀଲ ସାହୁ, ଜି.ସୋନୁ ରେଡ଼ୀ, ଏସ୍. ଶିବଶଙ୍କର ରେଡ଼ୀ, ଦାମ ଗୌଡ଼, ନିରଞ୍ଜନ ମହାପାତ୍ର, ଓଡ଼ି.ଉମା ଶଙ୍କର, ଆଲୋକ ପୂଜାରୀ, ଶାନ୍ତନୁ ବେହେରା, ପି.ଶୁଭମ, ତ୍ରିପତି ପ୍ରସାଦ ପଣ୍ଡା, ଏସ୍.ସ୍ନେହାଶିଷ ଦୋରା, ଆଶିଷ କୁମାର ପାତ୍ର, ଶିବ ରେଡ଼ୀ, ସମ୍ବିତ

32 YEARS
ସମ୍ବାଦ ଜନିକା
ଭୁବନେଶ୍ୱର, ୧୭ ନଭେମ୍ବର ୨୦୨୬ ମଙ୍ଗଳବାର



//// କଟକ ସଦର ବ୍ଲକରେ ରୟାଲିଟି ଆଦାୟକୁ ନେଇ ବଢ଼ିଲା ସନ୍ଦେହ ////

୨୩ ପଞ୍ଚାୟତର ହିସାବ ଯାଞ୍ଚ ପାଇଁ ଦାବି:ଉଚ୍ଚସ୍ତରୀୟ ତଦନ୍ତ ଉପରେ ନଜର

କଟକ, ନ୍ୟୁଜ୍ ବ୍ୟୁରୋ

କଟକ ସଦର ବ୍ଲକରେ ଦିନକୁ ଦିନ ବଢୁଥିବା ବ୍ୟବସାୟିକ ପ୍ରତିଷ୍ଠାନ ଓ ବହୁତଳ କୋଠା ନିର୍ମାଣକୁ ନେଇ ଏବେ ରାଜସ୍ୱ ଆଦାୟର ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ ନୂଆ ନୂଆ ମାର୍କେଟ୍ କମ୍ପ୍ଲେକ୍ସ, କଲ୍ୟାଣ ମଣ୍ଡପ, ପେଟ୍ରୋଲ ପମ୍ପ, ମୋବାଇଲ୍ ଟାୱାର, ମଦ ଦୋକାନ, ନର୍ସିହୋମ୍ ଏବଂ ବହୁତଳ କୋଠା ଗଢ଼ି ଉଠୁଛି। ଏତେ ସଂଖ୍ୟକ ବାଣିଜ୍ୟିକ ନିର୍ମାଣ ହେଉଥିବା ସତ୍ତ୍ୱେ ନିୟମ ଅନୁଯାୟୀ ରୟାଲିଟି ଆଦାୟ ହେଉଛି କି ନାହିଁ, ତାହାକୁ ନେଇ ଏବେ ଚର୍ଚ୍ଚା ଜୋର୍ ଧରିଛି। କଟକ ସଦର ବ୍ଲକର ୨୩ଟି ପଞ୍ଚାୟତରେ ନିର୍ମାଣ କାର୍ଯ୍ୟ ପାଇଁ ସ୍ଥାନୀୟ ପଞ୍ଚାୟତ ପକ୍ଷରୁ ଅନୁମତି ଦିଆଯାଉଥିବା ବେଳେ ଏହା ବାବଦରେ ଆଦାୟ ହେବାକୁ ଥିବା ଅର୍ଥ ସରକାରୀ ଖାତାରେ ଜମା ହେଉନଥିବା ଅଭିଯୋଗ ହୋଇଛି। ଯଦି ନିୟମିତ ଭାବେ ରୟାଲିଟି ଆଦାୟ ହେଉନାହିଁ, ତେବେ ଏହାର କାରଣ କ'ଣ ? ଆଦାୟ ହେଉଥିବା ଅର୍ଥର ହିସାବ କେଉଁଠି ରହୁଛି ? ଏଭଳି ଅନେକ ପ୍ରଶ୍ନ ଏବେ ସ୍ଥାନୀୟ ଅଞ୍ଚଳରେ ଆଲୋଚନାର ବିଷୟ ପାଲଟିଛି। ନିୟମ ଅନୁସାରେ, ପଞ୍ଚାୟତ ଅଞ୍ଚଳରେ କୋଠା ନିର୍ମାଣ ଅନୁମତି ଓ ମଦ ଦୋକାନ ଲାଇସେନ୍ସ ନବୀକରଣ ଭଳି କାର୍ଯ୍ୟରେ ନିର୍ଦ୍ଧାରିତ ପ୍ରଶାସନିକ ପ୍ରକ୍ରିୟା ରହିଛି। ଆବେଦନକାରୀଙ୍କୁ ନିର୍ମାଣର ନକ୍ସା ଏବଂ ଅନୁମାନିତ ବ୍ୟୟର ବିବରଣୀ ପଞ୍ଚାୟତ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିଥାଏ। ଏହା ପଞ୍ଚାୟତ ବୈଠକରେ ବିଚାର କରାଯିବା ପରେ ବ୍ଲକ ପ୍ରଶାସନକୁ



ପଠାଯାଇଥାଏ। ବ୍ଲକ ସ୍ତରରେ ବିଡିଓ ପ୍ରସ୍ତାବର ଯାଞ୍ଚ କରିବା ସହ ସହକାରୀ ନିର୍ବାହୀ ଯନ୍ତ୍ରାଙ୍କ ସ୍ୱାକ୍ଷର ପରେ ଏହାକୁ ଟାଉନ୍ ପ୍ଲାନିଂ ଅଧିକାରୀଙ୍କ ନିକଟକୁ ପଠାଯାଇଥାଏ। ସେଠାରୁ ଅନୁମୋଦନ ମିଳିବା ପରେ ନିୟମ ଅନୁଯାୟୀ ରୟାଲିଟି ଆଦାୟ କରାଯାଏ। ଅନ୍ୟପକ୍ଷରେ, ବ୍ୟବସାୟିକ କୋଠାଗୁଡ଼ିକ ପାଇଁ ବାର୍ଷିକ ରୟାଲିଟି ନିର୍ଦ୍ଧାରଣ ନିମନ୍ତେ ୭ ନମ୍ବର ଫର୍ମରେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରସ୍ତାବ ପଠାଯିବାର ବ୍ୟବସ୍ଥା ରହିଛି। ଏହାପରେ ଧାର୍ଯ୍ୟ ଅର୍ଥ ଆଦାୟ ହେବା କଥା। ତେବେ ଅଭିଯୋଗ ଅନୁସାରେ, ଏହି ସମସ୍ତ ପ୍ରକ୍ରିୟା ଅନେକ ପଞ୍ଚାୟତରେ ଠିକ୍ ଭାବେ ଅନୁସରଣ କରାଯାଉନାହିଁ। ଫଳରେ ସରକାରୀ ରାଜସ୍ୱ ଆଦାୟରେ ଅନିୟମିତତା ହେଉଥିବା ଏବଂ ଅର୍ଥର ଉପଯୁକ୍ତ ହିସାବ ରହୁନଥିବା ଅଭିଯୋଗ ସାମ୍ନାକୁ ଆସିଛି। ଏହି ଅଭିଯୋଗର ସତ୍ୟତା ଜାଣିବା ପାଇଁ ପଞ୍ଚାୟତୱାରୀ ନିର୍ମାଣ ଅନୁମତି, ରୟାଲିଟି ଆଦାୟ ଓ ସରକାରୀ ଜମାର ସମ୍ପୂର୍ଣ୍ଣ ତଥ୍ୟ ଯାଞ୍ଚ କରିବାକୁ ଦାବି ହେଉଛି। ବିଶେଷକରି ୪୨ ମୌଜା ଅଞ୍ଚଳର କନ୍ଦରପୁର, କିଶୋରନଗର, ଧରିଣୀ, ଅରିଲୋ ଓ ସୋମପୁର ଆଦି ପଞ୍ଚାୟତରେ ବ୍ୟବସାୟିକ ନିର୍ମାଣ କାର୍ଯ୍ୟ ବଢୁଥିବା କୁହାଯାଉଛି। ଏଭଳିସ୍ଥିତିରେ ସଂପୃକ୍ତ ବିଭାଗର ତଦାରଖ କେତେ ଦୂର ରହିଛି, ତାହାକୁ ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏ ସମ୍ପର୍କରେ ବିଡିଓ ପ୍ରତୀକ ସାହୁଙ୍କ କହିବା ଅନୁଯାୟୀ, ପଞ୍ଚାୟତ ସ୍ତରରୁ ପ୍ରସ୍ତାବ ନଆସିଲେ ସମସ୍ତ ବିଷୟ ସମ୍ପର୍କରେ ଜାଣିବା ସମ୍ଭବ ନୁହେଁ। ତେବେ ଏହି ବକ୍ତବ୍ୟ ପରେ ପଞ୍ଚାୟତ ସ୍ତରରେ ହେଉଥିବା କାର୍ଯ୍ୟର ତଦାରଖ ଏବଂ ବ୍ଲକ ପ୍ରଶାସନର ଦାୟିତ୍ୱକୁ ନେଇ ନୂଆ ପ୍ରଶ୍ନ ସୃଷ୍ଟି ହୋଇଛି। ଅନ୍ୟପଟେ, ଏହି ପ୍ରସଙ୍ଗକୁ ରାଜନୈତିକ ବିବାଦର ରୂପ ଦେଇ ମୂଳ ଅଭିଯୋଗକୁ ଆଡୁଆଳରେ ରଖିବାକୁ ଉଦ୍ୟମ ହେଉଥିବା ନେଇ ମଧ୍ୟ ଚର୍ଚ୍ଚା ହେଉଛି। ତେଣୁ କୌଣସି ପକ୍ଷର ପ୍ରଭାବରେ ନପଡ଼ି ସମସ୍ତ ପଞ୍ଚାୟତର ରେକର୍ଡ ଯାଞ୍ଚ କରିବା ସହ ରୟାଲିଟି ଆଦାୟର ପ୍ରକୃତ ଚିତ୍ର ସାମ୍ନାକୁ ଆଣିବାକୁ ଦାବି ଜୋରଦାର୍ ହୋଇଛି। ଏବେ ମୁଖ୍ୟ ପ୍ରଶ୍ନ ହେଉଛି କଟକ ସଦର ବ୍ଲକରେ ନିର୍ମାଣ ହେଉଥିବା ବ୍ୟବସାୟିକ କୋଠାଗୁଡ଼ିକର ରୟାଲିଟି ନିୟମିତ ଆଦାୟ ହେଉଛି କି ? ଯଦି ଆଦାୟ ହେଉଛି, ତେବେ ସେହି ଅର୍ଥ ସରକାରୀ ଖାତାରେ ଜମା ହୋଇଛି କି ନାହିଁ ? କେତେ ପରିମାଣର ରାଜସ୍ୱ ଆଦାୟ ହୋଇଛି ଏବଂ କେତେ ଅର୍ଥ ବାକି ରହିଛି ? ଏହାର ଯାଞ୍ଚ କିଏ କରିବ ? ଏହି ସମସ୍ତ ପ୍ରଶ୍ନର ଉତ୍ତର ପାଇଁ ଏବେ ଉଚ୍ଚସ୍ତରୀୟ ତଦନ୍ତ ଓ ପ୍ରଶାସନିକ ପଦକ୍ଷେପକୁ ଅପେକ୍ଷା କରିଛନ୍ତି ସ୍ଥାନୀୟ ଲୋକେ।

ଭଗବାନ ବିର୍ସା ମୁଣ୍ଡାଙ୍କ ତ୍ୟାଗ ଓ ବଳିଦାନ ପ୍ରେରଣାର ସ୍ରୋତ:କେନ୍ଦ୍ରମନ୍ତ୍ରୀ



ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ

ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ଜନନାୟକ 'ଧରତୀ ଆବା' ବୀର ଶହୀଦ ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀ ତଥା 'ଜନଜାତି ଗୌରବ ଦିବସ' ଅବସରରେ ସମ୍ବଲପୁରର ଅଇଁଠାପାଲି ଛକ ସ୍ଥିତ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ଭାରତୀୟ ସ୍ୱାଧୀନତା ସଂଗ୍ରାମ ଏବଂ ଅନ୍ୟାୟ ବିରୋଧରେ ଲଢ଼େଇ ପାଇଁ ଭଗବାନ ବିର୍ସା ମୁଣ୍ଡାଙ୍କ ଅତୁଳନୀୟ ତ୍ୟାଗ ଓ ବଳିଦାନ ଆମ ସମସ୍ତଙ୍କ ପାଇଁ ଚିର ପ୍ରେରଣାର ଉତ୍ସ ହୋଇରହିବ। ସେ ଜନଜାତି ସମାଜରେ ସ୍ୱାଭିମାନ ଏବଂ ଅଧିକାରର ଏକ ନୂତନ ଚେତନା ଜାଗ୍ରତ କରିଥିଲେ। ତାଙ୍କର ରାଷ୍ଟ୍ରଭକ୍ତି ସର୍ବଦା ଦେଶବାସୀଙ୍କୁ ଦେଶସେବାରେ ଅନୁପ୍ରାଣିତ କରିବ। ଦେଶର ଜନଜାତି ସମାଜର ଅବଦାନକୁ ସମ୍ମାନ ଜଣାଇ ଶ୍ରୀ ପ୍ରଧାନ ଆହୁରି ମତବ୍ୟକ୍ତ କରିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସୁଦୂରପ୍ରସାରୀ ନେତୃତ୍ୱରେ ଭାରତ ସରକାର ଭଗବାନ ବିର୍ସା ମୁଣ୍ଡାଙ୍କ ଜୟନ୍ତୀକୁ 'ଜନଜାତି ଗୌରବ ଦିବସ' ଭାବେ ପାଳନ କରିବା ସହ ଦେଶର ପ୍ରକୃତ ନାୟକମାନଙ୍କୁ ସମ୍ମାନିତ କରିଛନ୍ତି। ଏହାଦ୍ୱାରା ଜନଜାତି ସମାଜର ଗୌରବ ଓ ସ୍ୱାଭିମାନକୁ ଆଜି ଏକ ନୂଆ ଶିଖରକୁ ନିଆଯାଇପାରିଛି। ଏହି ପବିତ୍ର ଅବସରରେ ଶ୍ରୀ ପ୍ରଧାନ ଦେଶର ତଥା ଓଡ଼ିଶାର ସମସ୍ତ ଜନଜାତି ଭାଇଭଉଣୀ ଏବଂ ନାଗରିକମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି।



୨୦ ଏକରରୁ ଅଧିକ ଗଞ୍ଜେଇ ଚାଷ ନଷ୍ଟ

ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ଜିଲ୍ଲାରେ ଗଞ୍ଜେଇ ଚାଷ ଓ କାରବାର ଥମିବାର ନାଁ ନେଉନି। ଜଙ୍ଗଲ ଭିତରେ ଲୁଚାଛପାରେ ଚାଲିଛି ବେଆଇନ୍ ଚାଷ। ଏହାକୁ ରୋକିବା ପାଇଁ ପୋଲିସ ପକ୍ଷରୁ ଚାଲିଥିବା ସ୍ୱତନ୍ତ୍ର ଅଭିଯାନରେ ଆଉ ଏକ ବଡ଼ ସଫଳତା ମିଳିଛି। ବୌଦ୍ଧ ଜିଲ୍ଲା ବାଉଁଶୁଣି ଥାନା ଅନ୍ତର୍ଗତ ମୁଣ୍ଡିପଦର ପଞ୍ଚାୟତର ଖଇରମାଳ ଜଙ୍ଗଲରେ ପ୍ରାୟ ୨୦ ଏକର ୪୦ ଡିସିମିଲ୍ ଜମିରେ ହୋଇଥିବା ଗଞ୍ଜେଇ ଚାଷକୁ କାଟି ପୋଡ଼ି ନଷ୍ଟ କରିଛି ପୋଲିସ ଓ ପ୍ରଶାସନର ମିଳିତ ଟିମ୍। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ କୁଲଦୀପ ମୀନାଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ସାରା ବେଆଇନ୍ ଗଞ୍ଜେଇ ଚାଷ ଉପରେ ଚଢ଼ଉ ଜାରି ରହିଛି। ଖଇରମାଳ ଜଙ୍ଗଲରେ ବ୍ୟାପକ ଗଞ୍ଜେଇ ଚାଷ ହୋଇଥିବା ନେଇ ପୋଲିସ ଗୁଇନ୍ଦା ସୂଚନା ପାଇବା ପରେ ଡ୍ରୋନ୍ ସର୍ଭେ କରି ସ୍ଥାନ ଚିହ୍ନଟ କରିଥିଲା। ପରେ ବାଉଁଶୁଣି ଥାନା ଅଧିକାରୀଙ୍କ ନିର୍ଦ୍ଦେଶରେ ସବ୍‌ଇନ୍‌ସପେକ୍ଟର ଜି.କେ. ମିଶ୍ରଙ୍କ ନେତୃତ୍ୱରେ ଚଢ଼ଉ ପାଇଁ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍‌ରେ ପୋଲିସ, ଅବକାରୀ ବିଭାଗ, ବନପାଳ ଓ ରାଜସ୍ୱ ବିଭାଗର କର୍ମଚାରୀ ସାମିଲ ଥିଲେ। ବହୁ ଶ୍ରମିକଙ୍କ ସହାୟତାରେ ଚିହ୍ନଟ ଜମିରେ ଥିବା ସମସ୍ତ ଗଞ୍ଜେଇ ଗଛ କାଟି ଦିଆଯାଇଥିଲା। ଆଇନ୍‌ଗତ ପ୍ରକ୍ରିୟା ପାଇଁ ଦୁଇଟି ଗଛ ନମୁନା ଭାବେ ଜବତ କରାଯାଇଥିବା ବେଳେ ଅନ୍ୟ ସମସ୍ତ ଗଛକୁ ସେହିଠାରେ ପୋଡ଼ି ନଷ୍ଟ କରାଯାଇଥିଲା। ତେବେ ଚଢ଼ଉ ବେଳେ ଜଙ୍ଗଲରେ କୌଣସି ଚାଷୀ କିମ୍ବା ଅଭିଯୁକ୍ତଙ୍କ ଦେଖା ମିଳିନଥିଲା। ଏତେ ବଡ଼ ଜମିରେ କିଏ ଓ କାହା ଭରସାରେ ଗଞ୍ଜେଇ ଚାଷ କରିଥିଲା, ତାହା ଏବେ ବଡ଼ ପ୍ରଶ୍ନ। ଚାଷ ପଛରେ ଥିବା ଲୋକଙ୍କୁ ଚିହ୍ନଟ କରିବାକୁ ପୋଲିସ ତଦନ୍ତ ଆରମ୍ଭ କରିଛି। ଏନେଇ ବାଉଁଶୁଣି ଥାନାରେ ମାମଲା ରୁଜୁ ହୋଇଛି।

ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ


ରିଙ୍ଗ ରୋଡ଼ ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ 'ଆର୍ ଆଣ୍ଡ ବି'କୁ ନିର୍ଦ୍ଦେଶ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ ଠାରେ ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି (ଦିଶା) ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ସରକାରୀ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ବୈଠକରେ ବୀରମହାରାଜପୁର ବିଧାୟକ ଇଞ୍ଜିନିୟର ରଘୁନାଥ ଜଗଦଲା, ଜିଲ୍ଲାପାଳ ଦେବାଶିଷ ସିଂହ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅନିରୁଦ୍ଧ ପ୍ରଧାନ, ସାଂସଦଙ୍କ ପ୍ରତିନିଧି ସାନନ୍ଦ ମେହେର, ସୋନପୁର ଉପଜିଲ୍ଲାପାଳ ତ. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ସୁରେନ୍ଦ୍ର ମେହେର, ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅଶ୍ୱିନୀ ମେହେର, ଜିଲ୍ଲା ବନଖଣ୍ଡ ଅଧିକାରୀ ବିଶ୍ୱରାଜ ପଣ୍ଡା, ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ ସମେତ ସମସ୍ତ ଲାଇନ୍ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ରିଙ୍ଗ୍ ରୋଡ୍ ପ୍ରକଳ୍ପର କାର୍ଯ୍ୟ ଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ଆର୍‌ଆଣ୍ଡ୍‌ବି ବିଭାଗକୁ କୁହାଯାଇଥିଲା। ଏହାର ଉତ୍ତରରେ ମାତ୍ର ୫୦୦ ମିଟର କାର୍ଯ୍ୟ ବାକି ଥିବାବେଳେ ଅନ୍ୟ ପାର୍ଶ୍ୱରେ ଜମି ଅଧିଗ୍ରହଣ ଓ କିଛି ବୈଷୟିକ ସମସ୍ୟା ରହିଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ମୋହନ ସାଗର ପ୍ରକଳ୍ପର ଡିପିଆର୍ ଅନୁମୋଦନ ନିମନ୍ତେ ଦାଖଲ କରାଯାଇଥିବା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଜଣାଯାଇଥିଲା। ମୋବାଇଲ୍ ଟାୱାର ସ୍ଥାପନ ସମ୍ପର୍କିତ ପ୍ରସଙ୍ଗ ଜିଲ୍ଲା ପ୍ରଶାସନ ସ୍ତରରେ ରହିଥିବା ଏବଂ ଏହାର ଶୀଘ୍ର ସମାଧାନ କରାଯିବ ବୋଲି କୁହାଯାଇଥିଲା। ବାହାରେ ବୁଲୁଥିବା ଗୋରୁମାନଙ୍କୁ ଗୋଶାଳାରେ ରଖିବା ନିମନ୍ତେ ଆବଶ୍ୟକ ବ୍ୟବସ୍ଥା କରିବାକୁ ମୁଖ୍ୟ ଜିଲ୍ଲା ପଶୁଚିକିତ୍ସା ଅଧିକାରୀଙ୍କୁ କୁହାଯାଇଥିଲା। ଏ ସମ୍ପର୍କରେ ସେ ଜଣାଇଥିଲେ ଯେ, ସହରାଞ୍ଚଳରେ ଏଥିପାଇଁ ଆବଶ୍ୟକ ଜମି ନଥିବାରୁ ସ୍ୱେଚ୍ଛାସେବୀ ସଂସ୍ଥାଗୁଡ଼ିକୁ ଗ୍ରାମାଞ୍ଚଳରେ ନିଜସ୍ୱ ଜମିରେ ଗୋଶାଳା ନିର୍ମାଣ ନିମନ୍ତେ ଆବେଦନ କରିବାକୁ ପଡ଼ିବ। ସହରାଞ୍ଚଳରେ ଏହି କାର୍ଯ୍ୟ କରିବାକୁ ଇଚ୍ଛୁକ ସଂସ୍ଥାଗୁଡ଼ିକୁ ଅନୁମତି ପ୍ରଦାନ କରିବାରେ ମଧ୍ୟ ସମସ୍ୟା ରହିଥିବା ସେ ସୂଚନା ଦେଇଥିଲେ। ଜିଲ୍ଲା ଶିକ୍ଷା ଅଧିକାରୀ ୨୭୮ଟି ବିଦ୍ୟାଳୟ କ୍ଷତିଗ୍ରସ୍ତ ଓ ଅସୁରକ୍ଷିତ ଅବସ୍ଥାରେ ଥିବା ସୂଚନା ଦେଇଥିଲେ। ଏହା ଏକ ପୁରୁଣା



ତାଲିକା ହୋଇଥିବାରୁ ବିଧାୟକ ଶ୍ରୀ ଜଗଦଲା ନୂତନ ତାଲିକା ଶୀଘ୍ର ଦାଖଲ କରିବା ସହ ପୂର୍ବ ତାଲିକାର ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉଲ୍ଲଳ ବାଳାଶ୍ରମରେ ନିୟମିତ ଯାଞ୍ଚ ସହ ଅଚାନକ ପରିଦର୍ଶନ କରିବାକୁ ଶିଶୁ ସୁରକ୍ଷା ଅଧିକାରୀଙ୍କୁ କୁହାଯାଇଥିଲା। ପ୍ୟାକ୍ସଗୁଡ଼ିକରେ ସେଡ୍ ନିର୍ମାଣ ନିମନ୍ତେ ଡିଆର୍‌ସିଏସ୍‌ଙ୍କୁ ନିୟମିତ କ୍ଷେତ୍ର ପରିଦର୍ଶନ କରିବା ସହ ଆସନ୍ତା ରବିବାର ସୁଦ୍ଧା ବକେୟା ଅର୍ଥ ଓ ନିର୍ମାଣ ଆବଶ୍ୟକ ଥିବା ସ୍ଥାନଗୁଡ଼ିକର ତାଲିକା ଦାଖଲ କରିବାକୁ କୁହାଯାଇଥିଲା। ବୀରମହାରାଜପୁର ଉପଖଣ୍ଡ ଆହାର କେନ୍ଦ୍ରର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସିଡିଏମ୍‌ଓଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସାଂସଦ ଓ ବିଧାୟକ ସନ୍ତୋଷଜନକ କାର୍ଯ୍ୟ କରିନଥିବା ଠିକାଦାରମାନଙ୍କୁ କ୍ଲିୟରାନ୍ସ ପ୍ରଦାନ ଓ ବିଲ୍ ପେଠ ନକରିବାକୁ ନିର୍ଦ୍ଦେଶ ଦେଇଥିଲେ। ଆଇଟିଆଇ ଶିକ୍ଷକମାନେ ବିଳମ୍ବରେ ଆସୁଥିବା ପ୍ରସଙ୍ଗ ମଧ୍ୟ ବୈଠକରେ ଉଠିଥିଲା। ସାଂସଦ ଓ ବିଧାୟକ ଫୋନ୍ କଲେ ଅଧିକାରୀମାନେ ଫେରି କଲ୍ କରିବା ସହ ଗୋଟିଏ କାର୍ଯ୍ୟାଳୟରୁ ଏକାଧିକ ଅଧିକାରୀଙ୍କୁ ଏକ ସମୟରେ ଛୁଟି ନଦେବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା।





୧୮ ରୁ ମା' ଜଗଦ୍ଧାତ୍ରୀ ମେଳା:ହଙ୍ଗେରୀ ସଂସଦ ତୋରଣ ବିଶେଷ ଆକର୍ଷଣ

ବାରିପଦା, ନ୍ୟୁଜ୍ ବ୍ୟୁରୋ

ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଭଞ୍ଜପୁର ଜଗଦ୍ଧାତ୍ରୀ ମେଳା ପାଇଁ ସମସ୍ତ ପ୍ରସ୍ତୁତି ପର୍ବ ଶେଷ ପର୍ଯ୍ୟାୟରେ ପହଞ୍ଚିଯାଇଛି ଓ ଏହି ଅବସରରେ କାର୍ଯ୍ୟକାରୀ କମିଟିର ଅଧ୍ୟକ୍ଷ ତଥା ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହଙ୍କ ସଂଯୋଜନାରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ପୂଜା ଅଧ୍ୟକ୍ଷ ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି, ମେଳା ଅଧ୍ୟକ୍ଷ ତଥା ପୂର୍ବତନ ଉପ ବାଚସ୍ପତି ସାନନ୍ଦ ମାରାଣ୍ଡି, ମୁଖ୍ୟ ସାଧାରଣ ସମ୍ପାଦକ ଦର୍ପ ନାରାୟଣ ପାଲ, ବରିଷ୍ଠ ସଦସ୍ୟ ଜ୍ଞାନେନ୍ଦ୍ର ପ୍ରସାଦ ଦାଶ ପ୍ରମୁଖ ଉପସ୍ଥିତ ରହି ଚଳିତ ବର୍ଷ ମେଳାର ରୂପରେଖ ଉପରେ ସମସ୍ତ ବିବରଣୀ ପ୍ରଦାନ କରିଥିଲେ । ଏବର୍ଷ ମା' ଜଗଦ୍ଧାତ୍ରୀଙ୍କ ୭୪ତମ ପୂଜା ଚଳିତ ମାସ ୧୮ ତାରିଖ ଅଁଳା ନବମୀ ଦିନ ରାତିନୀତି ଅନୁସାରେ ଅନୁଷ୍ଠିତ ହେବ ଓ ଏହି ଅବସରରେ ୩୨ତମ ମେଳା ଚଳିତ ମାସ ୨୨ ତାରିଖରୁ ୩ ତାରିଖ ପର୍ଯ୍ୟନ୍ତ ଚାଲିବ ଓ ଚିପଟ ନଦୀରୁ ମା'ଙ୍କ ଘଟ ଉତ୍ତୋଳନ ପରେ ଏକ ଶୋଭାଯାତ୍ରାରେ ଚିପଟ ଅଷ୍ଟିଆ ଠାରୁ ଭଞ୍ଜପୁର ମେଳା ପଡିଆ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ଓ ଏହି କାର୍ଯ୍ୟକ୍ରମରେ ପୁରୀର ଘୋଷ ଘଣ୍ଟୁଆ, ଢେଙ୍କାନାଳର ସିଂହବାଜା, ଛତିଶଗଡ଼ର ଝାଙ୍କି ଗ୍ରୁପ, ମୟୂରଭଞ୍ଜର ଛଉ ବାଜା, ସଂକୀର୍ତ୍ତନ, ମେଦିନୀପୁରର ଢାକ ବାଜା ଓ ବାରିପଦାର ସଂସ୍କୃତ ବେଦ ପାଠ ବ୍ରାହ୍ମଣ ସମାଜ ଯୋଗଦେବେ ଓ ପ୍ରତ୍ୟେକ ସନ୍ଧ୍ୟାରେ ଜିଲ୍ଲା, ରାଜ୍ୟ ଏବଂ ରାଜ୍ୟ ବାହାରୁ ବହୁ ସାଂସ୍କୃତିକ ଦଳ ଦ୍ୱାରା, ଆଦିବାସୀ, ଝୁମର, ଭଜନ, ନୃତ୍ୟ ତଥା ଇଣ୍ଡିଆନ୍ ଅଇଡ଼ଲ୍ର କଣ୍ଠଶିଳ୍ପୀଙ୍କ ଦ୍ୱାରା ବିଭିନ୍ନ କାର୍ଯ୍ୟକ୍ରମ ରହିଛି ବୋଲି ସାଂସ୍କୃତିକ ସମ୍ପାଦକ କିଶୋର ପଲେଇ ଜଣାଇଥିଲେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରୀୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିବେଟ୍, କୁଇଜ୍, ଚିତ୍ରାଙ୍କନ ଓ ଗୀତ ପ୍ରତିଯୋଗିତା ୧୯ ରୁ ୨୧ ମଧ୍ୟରେ ଅନୁଷ୍ଠିତ ହେବ । ମେଳାରେ ଓଡ଼ିଶା ସମେତ ରାଜ୍ୟ ବାହାରୁ ୪୦ଟି ସରକାରୀ ଓ ୨୯୦ଟି ବେସରକାରୀ ଷ୍ଟଲ୍ ପ୍ରଦର୍ଶିତ ହେବ ବୋଲି ଷ୍ଟଲ୍ ସମ୍ପାଦକ ସତ୍ୟବ୍ରତ ଧଳ ଜଣାଇଛନ୍ତି । ପ୍ରତିବର୍ଷ ପରି ଏବର୍ଷ ମଧ୍ୟ କମିଟି ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯିବ। ମେଳାରେ ଦର୍ଶକଙ୍କ ସୁରକ୍ଷା ପାଇଁ ସିସି କ୍ୟାମେରା, ନିଆଁ ଲିଭା ଯନ୍ତ୍ରର ବ୍ୟବସ୍ଥା କରାଯାଇଛି। ମେଳାର ସଫଳତା ପାଇଁ ରେଳ ବିଭାଗ, ବିଦ୍ୟୁତ ବିଭାଗ, ଜିଲ୍ଲା ପ୍ରଶାସନ, ପୋଲିସ ପ୍ରଶାସନ, ବାରିପଦା ମ୍ୟୁନିସିପା


ପ୍ରକାଶିତ

32 YEARS

ସମ୍ବାଦ କଳିକା

ଭାରତ ଭୟରେ ପାକିସ୍ତାନ ତୁର୍କୀ ଠାରୁ ୧ ଲକ୍ଷ ଡ୍ରୋନ୍ କିଣିବ

ଭାରତ ସହ ଯୁଦ୍ଧରେ କେବେ ବି ଜିତିପାରିବନି ଜାଣି ସୁଦ୍ଧା ନିଜର କୁବୁଦ୍ଧିକୁ ପ୍ରୟୋଗ କରିଚାଲିଛି ପାକିସ୍ତାନ। ଆଗୁଆ ସତର୍କ ରହିବା ପାଇଁ ତୁର୍କୀ ଠାରୁ ୧ ଲକ୍ଷ ଡ୍ରୋନ କିଣିବା ପାଇଁ ଚୁକ୍ତି କରିସାରିଛି। ତୁର୍କୀ ଠାରୁ ପାକିସ୍ତାନ ୧ ଲକ୍ଷ ମର୍କୁଟ ଏଫବିଭି (ପାର୍ଷ୍ଟ ପର୍ସନ ଭିଉ) ଡ୍ରୋନ ଓ ଅନ୍ୟ କେତେକ ମାନବ ବିହୀନ ବାୟୁଯାନ କିଣିବ । ଏଥିପାଇଁ ପାକିସ୍ତାନର ଏନ୍‌ଆରଟିସି କର୍ପୋରେସନ ଓ ତୁର୍କୀର ପ୍ରତିରକ୍ଷା କମ୍ପାନି ପ୍ୟାସିଫିକ ଟେକ୍ନୋଲୋଜି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଛି । ୩ ବର୍ଷ ଭିତରେ ତୁର୍କୀ ଏସବୁ ଡ୍ରୋନ ପାକିସ୍ତାନକୁ ପ୍ରଦାନ କରିବ ବୋଲି ବୁଝାମଣା କରାଯାଇଛି। ଏହା ପୂର୍ବରୁ ତୁର୍କୀଠାରୁ ପାକିସ୍ତାନ ୧୦ଟି ଆଲ୍ଟିନ ମାନବ ବିହୀନ ହେଲିକପ୍ଟର, ୨୫ଟି ଡୁମୁରୁଲ ଇଲେକ୍ଟ୍ରିକ ମିନି ହେଲିକପ୍ଟର, ୫୦୦ଟି ଡେଲି ଲୟଟରିଂ ମ୍ୟୁନିସନ ଏବଂ ୨୫୦ କୋରଗାନ ଗ୍ରାଉଣ୍ଡ ସିଷ୍ଟମ କିଣିବାକୁ ବୁଝାମଣା କରିଥିଲା। ଏସବୁ ପ୍ରତିରକ୍ଷା ସାମଗ୍ରୀର ପରୀକ୍ଷା ନିରୀକ୍ଷା କରାଯିବା ପରେ ତାହା ପାକିସ୍ତାନୀ ସେନାକୁ ହସ୍ତାନ୍ତର ପ୍ରକ୍ରିୟା ଆରମ୍ଭ ହୋଇଛି । ତୁର୍କୀ ସହ ହୋଇଥିବା ବୁଝାମଣା ଅନୁସାରେ ପାକିସ୍ତାନ କେବଳ ଡ୍ରୋନ କିଣିବ ନାହିଁ, ବରଂ ପାକିସ୍ତାନରେ ଉକ୍ତ ଡ୍ରୋନ ମଧ୍ୟ ନିର୍ମାଣ କରାଯିବ । ଏଥିପାଇଁ ତୁର୍କୀ ଆବଶ୍ୟକ ସମସ୍ତ ବୈଷୟିକ କୌଶଳ ଓ ଯନ୍ତ୍ରାଂଶ ଯୋଗାଇଦେବ । ମର୍କୁଟ ଏଫବିଭି ଡ୍ରୋନ ୨୦ରୁ ୩୦ ମିନିଟ୍ ପର୍ଯ୍ୟନ୍ତ ଆକାଶରେ ରହିବା ସହ ଏହାର ଲକ୍ଷ୍ୟଭେଦ କ୍ଷମତା ୮ କି.ମି ରହିଛି । ଏହା ପ୍ରାୟ ୧ ହଜାର ଷ୍ଟିଲ ବଲ୍ ବହନ କରିପାରିବ ଏବଂ ୨୦ ମିଟର ପରିସରକୁ ଧ୍ୱଂସ କରିପାରିବ । ସେହିଭଳି ଆଲ୍ଟିନ ହେଲିକପ୍ଟର ୨୦୦ କି.ଗ୍ରା ପର୍ଯ୍ୟନ୍ତ ଇନ୍ଧନ କିମ୍ବା ଯୁଦ୍ଧାସ୍ତ୍ର ସାମଗ୍ରୀ ବହନ କରିପାରିବ। ଏହା ଉଭୟ ଦିନ ଓ ରାତିରେ କାର୍ଯ୍ୟ କରିପାରିବ । ଏଥିରେ ଥର୍ମାଲ ଇମେଜିଂ କ୍ୟାମେରା ଓ ନାଇଟ ଭିଜନ କ୍ୟାମେରା ଲଗାଯାଇଛି। ଡୁମରୁଲ ଇଲେକ୍ଟ୍ରିକ ମିନି ହେଲିକପ୍ଟର ଅଳ୍ପ ଦୂରତାରୁ ଶତ୍ରୁର ଗତିବିଧି ଉପରେ ନଜର ରଖିବା ସହ ଆକ୍ରମଣ ମଧ୍ୟ କରିପାରିବ । ଏହା ବିନା ଶବ୍ଦରେ ଦୁଇଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିପାରିବ ଏବଂ ପରବର୍ତ୍ତୀ ସମୟରେ ଏହାର ସମୟକୁ ପରିବର୍ଦ୍ଧିତ କରିହେବ । ଦୁଇଦେଶ ମଧ୍ୟରେ ପ୍ରତିରକ୍ଷା ସାମଗ୍ରି କଣିବାକୁ ହୋଇଥିବା ବୁଝାମଣା ତୁର୍କୀ ଓ ପାକିସ୍ତାନ ମଧ୍ୟରେ ରହିଥିବା ସମ୍ପର୍କକୁ ପ୍ରମାଣିତ କରୁଛି । ୨୦୨୫ରେ ଉଭୟ ଦେଶ ମିଳିତ ଭାବେ ବିମାନ ଉତ୍ପାଦନ କରିବାକୁ ଘୋଷଣା କରିଛନ୍ତି । ତୁର୍କୀର ପଞ୍ଚମ ପିଢ଼ିର କାନ୍ ଯୁଦ୍ଧ ବିମାନ ଉଭୟ ଦେଶ ମିଳିତ ଭାବେ ନିର୍ମାଣ କରିବେ ।



ନିଶାପ

(ନିରପେକ୍ଷ ଶାସନ ପଦ୍ଧତି)

ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

ନବାକୁ ହେଲେ ଦବାକୁ ପଡିଥାଏ

ଶ୍ରଦ୍ଧେୟ ଭକ୍ତବୃନ୍ଦ ଗୁରୁ ଶିଷ୍ୟ ପରମ୍ପରାରେ ଭକ୍ତ ଭଗବାନ ପରମ୍ପରାରେ କିଛି ନେଲେ ଦେବାକୁ ପଡିଥାଏ। ଏହାର ଅର୍ଥ କଣ? ଏହାର ଅର୍ଥ ହେଉଛି ଶ୍ରୀଗୁରୁଙ୍କ ପାଖକୁ ଯଦି ଶିଷ୍ୟ ଯାଏ ସେ କଣ ଦେବ ଏବଂ କଣ ନେବ। ଏହା ହେଉଛି ପ୍ରଥମ ସୋପାନ। ଶିଷ୍ୟ ଦିଏ ଶ୍ରୀଗୁରୁଙ୍କୁ କାୟ, ମନ, ବାକ୍ୟ ଶ୍ରୀଗୁରୁ ଶିଷ୍ୟଙ୍କୁ ପ୍ରଦାନ କରନ୍ତି ବ୍ରହ୍ମ, ମନ୍ତ୍ର ବା ଜିବ କିପରି ଶିବ ଯୁକ୍ତ ହୋଇ ସଂସାରରେ ସମାଜରେ ହିତ କାର୍ଯ୍ୟ କରିବ ସେଥିପ୍ରତି ସତର୍କତା ରହି କର୍ମ କରିବା ପାଇଁ ଶ୍ରୀ ଗୁରୁ ନିର୍ଦ୍ଦେଶ ଦେଇଥାନ୍ତି। ଅନ୍ୟଥା ସବୁ ବୃଥା ଶରୀର, ମନ, ବାକ୍ୟ ଶ୍ରୀଗୁରୁଙ୍କୁ ଦେଇସାରିଲା ପରେ ଆଉ ତା ପାଖରେ କଣ ଅଛି। ଯେ ସେ ଦେବ ତେଣୁ ହେ ଭକ୍ତ ହେ ଶିଷ୍ୟ, ଜନ୍ମ ମୃତ୍ୟୁ ବନ୍ଧନରୁ ଶ୍ରୀଗୁରୁ ହିଁ ଶିଷ୍ୟକୁ ମୁକ୍ତିର ମାର୍ଗ ପରିଦର୍ଶନ କରାଇଥାନ୍ତି। ଭଲ ମଣିଷ ହେବାପାଇଁ ଶିଷ୍ୟକୁ ପରାମର୍ଶ ଦେଇଥାନ୍ତି। ବଡଲୋକ ହେବାପାଇଁ ନୁହେଁ ଧନ ରୋଜଗାର ପାଇଁ ନୁହେଁ। ଅର୍ଥର ଲାଳସା ଥିବା ପର୍ଯ୍ୟନ୍ତ ପରମାର୍ଥ ପଥ ଦୃଶ୍ୟ ହୁଏ ନାହିଁ।ଏହା ସମ୍ଭବ ନୁହେଁ। ଏହାହିଁ ମାୟାର ପଥ। ଏହି ପଥରୁ ଯେତେ ଦୂରରେ ରହିବ ସେତ ଭଲ ତେଣୁ ଗୁରୁ ଶିଷ୍ୟ ଅଭିନ୍ନ ଅକାଟ୍ୟ ଏକାତ୍ମ ଗୁରୁ ଦେହରେ ଶିଷ୍ୟ ଶିଷ୍ୟ ଭିତରେ ହିଁ ଶ୍ରୀଗୁରୁ ସଦାସର୍ବଦା ବିରାଜମାନ କରିଥାଆନ୍ତି। ଏହା ଏକ ସଂସାରରେ ଦୁର୍ଲଭ। ତେଣୁ ହେ ଭକ୍ତ ହେ ଶିଷ୍ୟ ଏକାକାର ମୁହଁରେ କହିଦେଲେ ହେବନାହିଁ। ଉଚ୍ଚାରଣ ଭାରି ସହଜ। କିନ୍ତୁ ଆଚରଣରେ ଗଢିତୋଳିବା ଆତ୍ମତତ୍ତ୍ୱକୁ ଉପଲବ୍ଧି କରି ସରଳ ଜୀବନ ଯାପନ କରି ଭକ୍ତି ମୁକ୍ତିର ମାର୍ଗକୁ ସୁଦୃଢ କରିପାରିଲେ ସେହିଁ ହେବ ତୁମ ପାଇଁ ଗୁରୁଦକ୍ଷିଣା ଏଇ ଦକ୍ଷିଣାହିଁ ଗୁରୁ ତୁମଠାରୁ ନେଇଥାଆନ୍ତି ଏଇ ହିଁ ଦୀକ୍ଷାର ଦକ୍ଷିଣା। ଏହି ଦକ୍ଷିଣା ନେଇ ଶ୍ରୀଗୁରୁ ଏଇ ସାରା ଜଗତକୁ ତୁମକୁ ଦେଇଥାଆନ୍ତି। ଜଗତକୁ ଚିହ୍ନାଇ ଦେଇଥାଆନ୍ତି। ଜଗତରେ ଜଗତନାଥଙ୍କୁ କିପରି ଭେଟିବ ସେଇ ମାର୍ଗକୁ ବତାଇ ଦେଇଥାଆନ୍ତି। ଏହାହିଁ ଗୁରୁ ଶିଷ୍ୟ ପରମ୍ପରାର ଦେବା ନେବା ସମ୍ପର୍କ। ତେଣୁ ସମସ୍ତଙ୍କୁ କୁହେ ଦେଖେଇ ହୁଅନାହିଁ। କିଛି ସମାଜକୁ ଦେଖାଅ, ନିଜର ଆତ୍ମସ୍ମୃତି ଅନୁଭବ, ଶ୍ରଦ୍ଧା, ବିଶ୍ୱାସ, ଶାନ୍ତିର ପଥରେ ନିଜେ ଯାଇ ଅନ୍ୟକୁ ଦେଖାଇଦିଅ, ବତାଇଦିଅ ତାହାଲେ ତୁମର ବିକାସ ସହିତ ଅନ୍ୟମାନଙ୍କର ମଧ୍ୟ ବିକାଶ ହୋଇ ଆତ୍ମାର ଉପଲବ୍ଧି ହୋଇପାରିବ। ତେଣୁ ହେ ଭକ୍ତ, ହେ ଶିଷ୍ୟ, ହେ ପୁତ୍ର ନିଜର ହିତ ପାଇଁ ତୁମେ ଯେତିକି ବ୍ୟସ୍ତ ହେଉଛ ଅନ୍ୟର ହିତକାମନା ପାଇଁ ସେତିକି ଯତ୍ନବାନ ହେଲେ ଯାଇଁ ତୁମର ହିତ ସାଧନ ହୋଇପାରିବ, ଅନ୍ୟଥା ବୃଥା। ତେଣୁ ଏହାହିଁ ଦେବା ନେବାର ରହସ୍ୟ ଗୁରୁ ଶିଷ୍ୟ ପରମ୍ପରାରେ। ହରି ଓଁ।



ଗୀତାଞ୍ଜଳି କର

ମୋ-୭୦୦୮୯୪୭୫୨୭

ଝାଞ୍ଜିରୀମଙ୍ଗଳା ଲୁଣିଆସାହି, ମିଶ୍ର ବିଲ୍ଲ କଟକ ୭୫୩୦୦୯

ଗୋପାଷ୍ଟମୀ ଉତ୍ସବ

ସନାତନ ସଂସ୍କୃତି ଓ ପରମ୍ପରାରେ ଗୋପାଷ୍ଟମୀ (ଗୋଷ୍ଠାଷ୍ଟମୀ)ଉତ୍ସବର ବିଶେଷ ମହତ୍ତ୍ୱ ରହିଛି । ଯେହେତୁ ଭାରତ ଏକ କୃଷି ପ୍ରଧାନ ଦେଶ ସେଥିପାଇଁ ଏଠାରେ ଗାଈ ସର୍ବାଗ୍ରେ ପୂଜନୀୟ ତଥା ବନ୍ଦନୀୟ ଅଟେ । ଧାର୍ମିକ ଦୃଷ୍ଟିକୋଣରୁ ମଧ୍ୟ ଗାଈର ମହତ୍ତ୍ୱ ବହୁତ ଅଛି । ଏଥିପାଇଁ ଅନେକ ବ୍ରତ ଓ ଉତ୍ସବ ପାଳନ କରାଯାଏ । ଯେପରି ଗୋପଦ୍ମ ବ୍ରତ, ଗୋବତ୍ସ ଦ୍ୱାଦଶୀ, ଗୋବର୍ଦ୍ଧନ ପୂଜା, ଗୋତ୍ରୀ ରାତ୍ର ପୂଜା, ଗୋପାଷ୍ଟମୀ ବ୍ରତ, ପୟୋବ୍ରତ ଇତ୍ୟାଦି ପ୍ରମୁଖ ଅଟେ । କାରଣ ଗାଈର ପୌରାଣିକ ତଥା ଧାର୍ମିକ ମତ ହିଁ ଆମ ସଂସ୍କୃତିର ପରିଚୟ । ଗୁରୁ ବଶିଷ୍ଠ ଗୋକୁଳର ବିସ୍ତାର ପୂର୍ବକ କାମଧେନୁ, କପିଳା, ଦେବନୀ, ନନ୍ଦିନୀ, ଭୌମା ଆଦି ବିଭିନ୍ନ ପ୍ରଜାତିର ଗାଈଙ୍କୁ ବିସ୍ତାର କରିଥିଲେ। ସନାତନ ସଂସ୍କୃତି ଗୋମାତାଙ୍କୁ ଦେବୀର ମର୍ଯ୍ୟାଦା ଦେଇଛି । ଏ ସମ୍ବନ୍ଧରେ ମାର୍କେଣ୍ଡୟ ପୁରାଣ ଉଲ୍ଲେଖ କରେ...

ମହାମୁନି ମାର୍କଣ୍ଡ ରାଜା ସୁରଥଙ୍କୁ ଗୋରୁ ଜନ୍ମ ବୃତ୍ତାନ୍ତ ବ୍ୟାଖ୍ୟା କରିଥିଲେ । ରାଜା ସୁରଥ ସୋଭାଗ୍ୟ ବଶତଃ ଗୋରୁ ଜନ୍ମର ସକଳ ବୃତାନ୍ତ ଶୁଣି ଆନନ୍ଦ ମନରେ ଦେବୀଙ୍କୁ ସ୍ତୁତି କଲେ ହେ ମାତା ଚରାଚର ଜଗତରେ ତୁହି ସବୁକିଛି... 'ତୁ ଦେବୀ ଜଗତଜନ ଜନ୍ତୁ ମଧେ ଶ୍ରେଷ୍ଠ ମାତାରୂପେ ଅଧିକାରୀ ଯୋଗେଣ ଗରିଷ୍ଠ ମୁଁ ତୋର ଚରଣେ ମାତ କରଇ ପ୍ରଣତି ମୋତେ ଦୟାବହି ମାତ ଦିଅ ସଦଗତି'। ହିନ୍ଦୁ ଧର୍ମର ଶାସ୍ତ୍ରୀୟ ମତ ଅନୁସାରେ ଗାଈର ଶରୀରରେ ତେତିଶି କୋଟି ଦେବାଦେବୀ ବାସ କରନ୍ତି। ଏଠାରେ କୋଟିର ଅର୍ଥ ପ୍ରକାର ଅଟେ। ଯାହା ଦ୍ୱାଦଶ ଆଦିତ୍ୟ, ଅଷ୍ଟବସୁ, ଏକାଦଶ ରୁଦ୍ର, ଦୁଇ ଅଶ୍ୱିନୀ କୁମାର ପରି ତେତିଶି ପ୍ରକାର ଦେବାଦେବୀ ରହିଛନ୍ତି । ଶାସ୍ତ୍ର ଏବଂ ବୁଦ୍ଧିଜୀବୀମାନଙ୍କ ମତ ଅନୁସାରେ କିଛି ପଶୁ ପକ୍ଷୀ ଆତ୍ମାର ବିକାଶ ଯାତ୍ରାରେ ଶେଷ ପର୍ଯ୍ୟାୟ ଅଟନ୍ତି । ସେମାନଙ୍କ ମଧ୍ୟରୁ ଗାଈ ସର୍ବୋଚ୍ଚ ଅଟେ ଯେଉଁଥିପାଇଁ ଆତ୍ମା ମନୁଷ୍ୟ ଯୋନି ପ୍ରାପ୍ତ ହୋଇଥାଏ । ପୁରାଣ ଓ ଶ୍ରୁତିମାନଙ୍କରେ ଗାଈଙ୍କୁ ସାକ୍ଷାତ ବିଷ୍ଣୁ ସ୍ୱରୂପ କୁହାଯାଇଛି। ପୁଣି ଗାଈ ସର୍ବ ବେଦମୟୀ ଓ ବେଦ ହେଉଛି ଗୋମୟ। ରଗବେଦ କହେ ଗାଈ ଅଧନ୍ୟା । ଯଜୁର୍ବେଦ କହେ ଗାଈ ଅନୁପମେୟ । ଅଥର୍ବବେଦ କହେ ଗାଈ ସକଳ ସମ୍ପତ୍ତିର ଘର । ଏଥିପାଇଁ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣ ଗାଈର ମହତ୍ତ୍ୱ ପାଇଁ ଗାଈ ପୂଜା, ଗୋଶାଳାର ନିର୍ମାଣ ନିମିତ୍ତ ଉପଦେଶ ଦେଉଥିଲେ। ପବିତ୍ର ଗୋପାଷ୍ଟମୀ ଦିନ ପ୍ରଥମ ଗୋଚାରଣ ମଧ୍ୟ ଭଗବାନ ଶ୍ରୀକୃଷ୍ଣ କରିଥିଲେ । କାର୍ତ୍ତିକ ଶୁକ୍ଳ ପକ୍ଷ ଅଷ୍ଟମୀ ତିଥିରେ ଗୋପାଷ୍ଟମୀ ଉତ୍ସବ ପାଳନ କରାଯାଏ । ଏହି ଗୋପାଷ୍ଟମୀ ବ୍ରତ ସନାତନ ଧର୍ମର ଏକ ଅତ୍ୟନ୍ତ ପବିତ୍ର ତଥା ପୌରାଣିକ ପର୍ବ ଅଟେ । ପଦ୍ମପୁରାଣର କାର୍ତ୍ତିକ ମାହାତ୍ମ୍ୟରେ ଏହି ଗୋପାଷ୍ଟମୀ ବ୍ରତ ବିଷୟରେ ଉଲ୍ଲେଖ ଅଛି...

'ଶୁକ୍ଲାଷ୍ଟମୀ କାର୍ତ୍ତିକେ ତୁ ସ୍ମୃତା ଗୋପାଷ୍ଟମୀ ବୁଦ୍ଧେୟିଃ ତତ ଦିନାଦଃ ବାସୁଦେବୋ ଭୂଦ ଗୋପ ପୂର୍ବଂ ତୁ ବସହଃ' । ଅର୍ଥାତ କାର୍ତ୍ତିକ ଶୁକ୍ଳ ଅଷ୍ଟମୀକୁ ବିଦ୍ୱାନ, ବିଜ୍ଞମାନେ ଗୋପାଷ୍ଟମୀ ବୋଲି କୁହନ୍ତି। କାରଣ ଏହିଦିନ ବାସୁଦେବ କୃଷ୍ଣ ଗାଈ ମାନଙ୍କୁ ଚରାଇବାକୁ ବନକୁ ନେଇଥିଲେ । ଯାତ୍ରାପୂର୍ବରୁ ଯଶୋଦା ଦୁଲାଳ କେବଳ ବାଛୁରୀମାନଙ୍କୁ ଚରାଉଥିଲେ । ଏଣୁ ବିଭିନ୍ନ ପୁରାଣ ଯେପରି ପଦ୍ମ ପୁରାଣ, ଶ୍ରୀମତଭାଗବତ ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମବୈବର୍ତ୍ତ ପୁରାଣ ଓ ନାରଦ ପୁରାଣମାନଙ୍କରେ ଗୋପାଷ୍ଟମୀର ମହତ୍ତ୍ୱ ସମ୍ବନ୍ଧରେ ବିସ୍ତୃତ ବର୍ଣ୍ଣନା କରାଯାଇଛି। ପଦ୍ମପୁରାଣ ଅନୁସାରେ ଗୋପାଷ୍ଟମୀର ପବିତ୍ର କଥାରେ ବର୍ଣ୍ଣନା ଅଛି... ଦ୍ୱାପର ଯୁଗର କଥା । ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଛଅରୁ ସାତ ବର୍ଷର ହୋଇଥିଲେ ସେତେବେଳେ ମାଆ ଯଶୋଦାଙ୍କ ନିକଟରେ ଜିଦି କଲେ ବଣକୁ ଗାଈ ଚରେଇବାକୁ ଯିବେ । ମାତା ଯଶୋଦା ନନ୍ଦବାବାଙ୍କୁ ପଚାରେ ବୋଲି କାହ୍ନାକୁ କହିଲେ । ଏହା ଶୁଣି କାହ୍ନା ନନ୍ଦ ବାବାଙ୍କ ନିକଟରେ ଅଳି କଲେ । କାହ୍ନାର ଇଚ୍ଛାକୁ ଦେଖି ନନ୍ଦ ବାବା ସାଣ୍ଡିଲ୍ୟ ଋଷିଙ୍କୁ ଡକାଇ ପଚାରିଲେ କେତେବେଳେ ଶୁଭ ମୁହୂର୍ତ୍ତ ଅଛି । କାହ୍ନା ଗାଈ ଚରେଇବାକୁ ଯିବ। ବାଳକ କୃଷ୍ଣ ଋଷିଙ୍କ ନିକଟକୁ ଯାଇ କହିଲେ ଆଜି ବହୁତ ଶୁଭବେଳା ଅଛି ବୋଲି ନନ୍ଦ ବାବାଙ୍କୁ କୁହନ୍ତୁ । ମୁଁ ଆପଣଙ୍କୁ ବହୁତ ଲହୁଣୀ ଖାଇବାକୁ ଦେବି। ସାଣ୍ଡିଲ୍ୟ ଋଷି ସେ ଦିନର ପଞ୍ଜାଙ୍ଗ ଦେଖି କହିଲେ ସତେତ ଆଜି ହିଁ ଶୁଭ ମୁହୂର୍ତ୍ତ ଅଛି । ଯାପରେ ବର୍ଷେ ପର୍ଯ୍ୟନ୍ତ ଭଲ ମୁହୂର୍ତ୍ତ ନାହିଁ । ତେଣୁ ଆଜିର ଦିନରେ କାହ୍ନା ପାଇଁ ଗୋଚାରଣ ଅର୍ଥାତ ଗାଈ ଚରାଇବାକୁ ଅତ୍ୟନ୍ତ ଶୁଭ ମୁହୂର୍ତ୍ତ । କାର୍ତ୍ତିକ ମାସ ଶୁକ୍ଳ ଅଷ୍ଟମୀ ତିଥିରେ ଗାଈ ଚରେଇବା ପାଇଁ ନନ୍ଦ ପୂର୍ଣ୍ଣ ସ୍ୱାଧୀନତା କାହ୍ନାକୁ ଦେଲେ । ମାତା ଯଶୋଦା ବନକୁ ପଠେଇଲା ବେଳେ କାହ୍ନାକୁ ସୁନ୍ଦର ପୋଷାକ, ମୁକୁଟ, ପାଦରେ ଜୋତା ପିନ୍ଧେଇଦେଲେ । ଜୋତା ପିନ୍ଧିବା ପାଇଁ କାହ୍ନା ସ୍ପଷ୍ଟ ମନା କରିଦେଲେ । କହିଲେ ମାଆ ମୋ ଗାଈମାନେ ତ ବିନା ଜୋତାରେ ବିଚରଣ କରୁଛନ୍ତି ମୁଁ କେମିତି ଜୋତା ପିନ୍ଧିବି !! ଯଦି ପିନ୍ଧେଇବ ତ ସମସ୍ତ ଗାଈଙ୍କୁ ଜୋତା ପିନ୍ଧାଅ । ଏହାପରେ କାହ୍ନା ବିନା ଜୋତାରେ ଗାଈ ପଛେ ପଛେ ବନ ଗମନ କଲେ। କାହ୍ନାର ପବିତ୍ର ଚରଣ ସ୍ପର୍ଶରେ ବୃନ୍ଦାବନ ଭୂମି ଅଧିକ ସୁରମ୍ୟ ହୋଇଗଲା । ତେଣୁ ଏହିଦିନ ସବୁଜ ଘାସ, ଗୁଡ଼ ଇତ୍ୟାଦି ଗାଈଙ୍କୁ ଖୁଆଇ ପରିକ୍ରମା କରି, ଗୋଚରଣର ଧୂଳିକୁ ମଥାରେ ଲଗାଇଲେ ଅକ୍ଷୟ ପୁଣ୍ୟ ତଥା ପରମ ସୌଭାଗ୍ୟ ପ୍ରାପ୍ତ ହୁଏ ବୋଲି ପଦ୍ମ ପୁରାଣରେ ଉଲ୍ଲେଖ । ଶ୍ରୀମତଭାଗବତ ପୁରାଣ ଅନୁସାରେ ଏହି ଗୋପାଷ୍ଟମୀରେ ଇନ୍ଦ୍ରଙ୍କ ଅହଂକାର ନାଶ ହୋଇଥିଲା ଓ କୃଷ୍ଣ ଭଗବାନ ଗୋବିନ୍ଦ ନାମ ପ୍ରାପ୍ତ ହୋଇଥିଲେ । ସମ୍ପୂର୍ଣ୍ଣ ଗୋବର୍ଦ୍ଧନ ଲୀଳାର ପୂର୍ଣ୍ଣାହୁତି ଏହି ଗୋପାଷ୍ଟମୀରେ ହିଁ ହୋଇଥିଲା । କାରଣ କାହ୍ନା କଥାରେ ଗୋକୁଳବାସୀ ଇନ୍ଦ୍ରଙ୍କ ପୂଜା ବନ୍ଦ କରି ଗୋବର୍ଦ୍ଧନ ପର୍ବତର ପୂଜା ଆରମ୍ଭ କରିଥିଲେ । ଦେବରାଜ ଇନ୍ଦ୍ର କ୍ରୋଧିତ ହୋଇ ବ୍ରଜପୁରରେ ମୁଷଳଧାରାରେ ବର୍ଷା କଲେ । କାହ୍ନା କନିଷ୍ଠ ଆଙ୍ଗୁଠିରେ ଗୋବର୍ଦ୍ଧନ ପର୍ବତକୁ ଉଠାଇ ସାତ ଦିନ ପର୍ଯ୍ୟନ୍ତ ବ୍ରଜବାସୀ ତଥା ପଶୁମାନଙ୍କର ରକ୍ଷା କରିଥିଲେ । ଏହାଦ୍ୱାରା ଇନ୍ଦ୍ରଙ୍କ ଅହଂକାର ଗୋପାଷ୍ଟମୀରେ ଭାଙ୍ଗିଥିଲା । ବ୍ରହ୍ମାଙ୍କ ଉପଦେଶରେ ଇନ୍ଦ୍ର ଭଗବାନ କୃଷ୍ଣଙ୍କୁ କ୍ଷମା ମାଗିଲେ। ଇନ୍ଦ୍ରଙ୍କ ଆଦେଶରେ ସ୍ୱର୍ଗର କାମଧେନୁ ନିଜର କ୍ଷୀରରେ କୃଷ୍ଣ ଭଗବାନଙ୍କୁ ଦିବ୍ୟ ଅଭିଷେକ କଲେ । ଭଗବାନ କୃଷ୍ଣଙ୍କୁ ଗୋବିନ୍ଦ ନାମରେ ମଧ୍ୟ ବିଭୂଷିତ କଲେ। ଏହି ଭବ୍ୟ ଦିବ୍ୟ ଲୀଳାପ୍ରସଙ୍ଗକୁ କାର୍ତ୍ତିକ ଶୁକ୍ଳ ଅଷ୍ଟମୀରେ ଉତ୍ସବ ସ୍ୱରୂପରେ ପାଳନ କରଯାଇଥିଲା। ତେଣୁ ଶ୍ରୀମଦ୍ ଭାଗବତ ବର୍ଣ୍ଣନାରେ ଗୋମାତା କୃଷ୍ଣ ଭଗବାନଙ୍କୁ କୁହନ୍ତି....

'ବ୍ରହ୍ମାର ବଚନେ ମୁଁ ତୋତେ
ପୂଜିବି ଅଭିଷେକ ମତେ
ତୁ ନାଥ ଗୋରୁଙ୍କର ଇନ୍ଦ୍ର
ନାମ ମୁଁ ଦେବଇଁ ଗୋବିନ୍ଦ' ।

ସ୍କନ୍ଦ ପୁରାଣରେ ଗୋମାତାଙ୍କ ସେବାରେ ମିଳୁଥିବା ଅଲୌକିକ ପୁଣ୍ୟ ସମ୍ବନ୍ଧରେ ଉଲ୍ଲେଖ ଅଛି । ଏହି ପୁରାଣର ବୈଷ୍ଣବ ଖଣ୍ଡର କାର୍ତ୍ତିକ ମାହାତ୍ମ୍ୟ ଅନୁସାରେ ଗୋପାଷ୍ଟମୀ ବ୍ରତର ସବିଶେଷ ବର୍ଣ୍ଣନା ରହିଛି। ଏହି ଗୋପାଷ୍ଟମୀ ତିଥିରେ ବିଧି ବିଧାନ ସହିତ ଗୋସେବା ଓ ପୂଜନ କରିବାଦ୍ୱାରା ସର୍ବ ଦେବାଦେବୀଙ୍କ କୃପା ପ୍ରାପ୍ତ ହୋଇଥାଏ । ପାପର ନାଶ ହୋଇ ଅକ୍ଷୟ ପୁଣ୍ୟ ମିଳିଥାଏ । ଗୋମାତାର ପରିକ୍ରମା କରିବାଦ୍ୱାରା ସବୁ ସଙ୍କଟ ଓ ଜୀବନରୁ ଦରିଦ୍ରତା ଦୂରେଇଯାଏ । ସନ୍ତାନ ସୁଖ, ଧନ ଧାନ୍ୟରେ ବୃଦ୍ଧି କରାଇ ଶେଷକୁ ଗୋଲକରେ ସ୍ଥାନ ପ୍ରାପ୍ତି କରାଏ । ଗୋଧୂଳି ବେଳର ଧୂଳି ମୁଣ୍ଡରେ ଲଗାଇଲେ ତୀର୍ଥରେ ସ୍ନାନ କରିବାର ଫଳ ପ୍ରାପ୍ତ କରାଏ । କାରଣ ସ୍କନ୍ଦପୁରାଣ କହେ ଗାଈ ସର୍ବଦେବମୟୀ ଏବଂ ବେଦ ସର୍ବଗୌମୟ ଅଟେ। ଶ୍ରୀମତଭଗବତ ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କ ବାଣୀରେ ନିଃସୃତ ହୋଇଛି ଅହଂ 'ଧେନୁନାମସ୍ମି କାମଧେନୁ' । ବ୍ରହ୍ମବୈବର୍ତ୍ତ ପୁରାଣରେ ଗୋମାତାଙ୍କ ଧାର୍ମିକ ମହତ୍ତ୍ୱ ସମ୍ବନ୍ଧରେ ଉଲ୍ଲେଖ ଅଛି। ଗୋପାଷ୍ଟମୀ ଦିନ ଯିଏ ଗାଈକୁ ସ୍ନାନ କରାଇ ତିଳକ ଲଗାଏ, ଘାସ ଖୁଆଏ ଓ ପରିକ୍ରମା କରେ ସେ ସବୁ ତୀର୍ଥ ଦର୍ଶନ ସହିତ ସବୁ ଦେବୀ ଦେବତାଙ୍କ ପୂଜା ସମାନ ପୁଣ୍ୟ ଫଳ ପାଏ । ପୁରାଣ ଅନୁସାରେ ଗୋପାଷ୍ଟମୀ ଦିନରେ ଭକ୍ତିମୟୀ ରାଧା ଗୋପାଳ ବେଶ ହୋଇଥିଲେ । ଯେତେବେଳେ ଭଗବାନ ଶ୍ରୀକୃଷ୍ଣ ଗୋଚାରଣ ପାଇଁ ବନ ଗମନ କଲେ ସେତେବେଳେ ରାଧାରାଣୀଙ୍କର ବ୍ୟାକୁଳତା ବଢିଲା । ସେଇ ସମୟରେ କନ୍ୟାମାନଙ୍କୁ ବଣକୁ ଗାଈ ଚରାଇବାକୁ ଯିବାର ଅନୁମତି ନ ଥିଲା । ତେଣୁ ରାଧା ନିଜ ସଖିମାନଙ୍କ ସହାୟତାରେ ଗୋପାଳ ବେଶ ଧାରଣ କରି ବଣକୁ ଗଲେ । ରାଧାଦେବୀ ଗୋଚାରଣର ମଧୁର ଲୀଳାର ଆନନ୍ଦ ପ୍ରାପ୍ତ କଲେ । ଏହା ରାଧା ଓ କୃଷ୍ଣଙ୍କ ଏକାତ୍ମତା ଭାବର ପରିଚୟ ଦିଏ । ନାରଦ ପୁରାଣରେ ମହର୍ଷି ସନତକୁମାର ଦେବର୍ଷି ନାରଦଙ୍କୁ ବିଭିନ୍ନ ଅଷ୍ଟମୀ ବ୍ରତର ବିଧାନ ବୁଝାଇଲା ବେଳେ ଏହି ପବିତ୍ର ଗୋପାଷ୍ଟମୀର ବିଧି, ମହତ୍ତ୍ୱ ବର୍ଣ୍ଣନା କରିଥିଲେ । ତେଣୁ ଗୋ ପୂଜନ, ଗୋ ଶୃଙ୍ଗାର, ଗୋଗ୍ରାସ, ଗୋ ପ୍ରଦକ୍ଷିଣ, ଗୋ ଅନୁଗମନ, ଗୋପାଳକର ସମ୍ମାନ, ଗୋଦାନ, ଗୋଧୂଳିର ସ୍ୱାଗତକୁ ବିଶେଷ ଭାବରେ ବିଧିପୂର୍ବକ ପାଳନ କଲେ ସର୍ବ ଅଭିଷ୍ଟ ପ୍ରାପ୍ତ ହୁଏ । ତେଣୁ ନାରଦ ପୁରାଣ ବର୍ଣ୍ଣନା

32 YEARS
ସମ୍ବାଦ ଜାହ୍ନବୀ
ଭୁବନେଶ୍ୱର, ୧୭ ନଭେମ୍ବର, ୨୦୨୬ ମଙ୍ଗଳବାର



ସୁବର୍ଣ୍ଣପୁର ଜିଲ୍ଲାର ବିକାଶ କରିବାକୁ ସଙ୍କଳ୍ପ ନେଲେ ନୂତନ ଜିଲ୍ଲାପାଳ



ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ସୋନପୁର ବ୍ଲକ ସମ୍ମିଳନୀ କକ୍ଷରେ ସହରର ପ୍ରମୁଖ ସାମାଜିକ ସଂଗଠନ ଓ ବୁଦ୍ଧିଜୀବୀ ପକ୍ଷରୁ ଏକ ସ୍ୱାଗତ ସମ୍ବର୍ଦ୍ଧନା ଓ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା । ସୁବର୍ଣ୍ଣପୁରର ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଳିନା ପଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ସହ ନୂତନ ଜିଲ୍ଲାପାଳ ଦେବାଶିଷ ସିଂହ ଓ ନୂତନ ଭାବେ ଯୋଗଦେଇଥିବା ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅନିରୁଦ୍ଧ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ଜିଲ୍ଲାପାଳ ଦେବାଶିଷ ସିଂହ, ଏସ୍‌ପି ନାରାୟଣ ନାଏକ, ନୂତନ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅନିରୁଦ୍ଧ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରାଜେନ୍ଦ୍ର ମାଝୀ, ସୋନପୁର ବିଡିଓ ପ୍ରତୀକ କର, ଡିଏସ୍‌ଓ ଚିତ୍ତ ରଞ୍ଜନ ମିଶ୍ର ଯୋଗଦେଇ ବିଗତ ଚାରି ବର୍ଷର ପ୍ରାକ୍ତନ ଅତିରିକ୍ତ ଜିଲ୍ଲାପାଳଙ୍କ ଜିଲ୍ଲା ପ୍ରତି ଥିବା ଅବଦାନ ଓ ସାମାଜିକ ସମ୍ପର୍କ ଉପରେ ଆଲୋକପାତ କରିଥିଲେ । ଶ୍ରୀମତୀ ପଧାନ ମଧ୍ୟ ସୁବର୍ଣ୍ଣପୁର ଜିଲ୍ଲାର ଲୋକଙ୍କ ସ୍ନେହ ଶ୍ରଦ୍ଧା, ପ୍ରତି କାର୍ଯ୍ୟରେ ରହିଥିବା ସମର୍ଥ କୁ କେବେ ଭୁଲିପାରିବିନି ବୋଲି ତାଙ୍କ ପ୍ରତିକ୍ରିୟାରେ ଭାବପ୍ରବଣ ହୋଇ କହିଥିଲେ । ସହରର ପ୍ରମୁଖ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ସମ୍ପାଦକ ସହିତ ପ୍ରମୁଖ ସଦସ୍ୟମାନେ ଏଥିରେ ଯୋଗଦେଇ ନୂତନ ଜିଲ୍ଲାପାଳ ଶ୍ରୀ ସିଂହ ଓ ନୂତନ ଏଡିଏମ୍ ଶ୍ରୀ ପ୍ରଧାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିବା ବେଳେ ପ୍ରାକ୍ତନ ଏଡିଏମ୍ ଅଞ୍ଜଳିନା ପଧାନଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରି ପ୍ରଶାସନିକ କାର୍ଯ୍ୟରେ ଦୀର୍ଘ ବର୍ଷର ତାଙ୍କ ସଫଳତା ଓ ସାମାଜିକ ସମ୍ପର୍କ ଉପରେ ପ୍ରଶଂସା କରିଥିଲେ । ବୁଦ୍ଧିଜୀବୀ ତଥା ସମାଜସେବୀ ଗୋବିନ୍ଦ ମହାରଣା, ଶ୍ରୀବତ୍ସ ମଲ୍ଲିକ, ଡ଼ଃ ଆର୍ତ୍ତତ୍ରାଣ ବାବୁ, ପର୍ଶୁରାମ ମିଶ୍ର, ପ୍ରଦୀପ ପୁରୋହିତ, ଜ୍ୟୋତି ରଞ୍ଜନ ପଟ୍ଟନାୟକ, ଡ଼ଃ ଜ୍ୟୋତି ରଞ୍ଜନ ବହିଦାର, ଅଧ୍ୟାପକ ମଦନ ସୁନ୍ଦର ଖେତି, ଶ୍ରୀଧର ବାଗ, ଇନ୍ଦୁମତୀ ପୁରୋହିତ, ଶୟଦ ଅଲିମୁଲ୍ ଇସ୍‌ଲାମ୍, ସୌରଭ ରଞ୍ଜନ ଖମାରୀ, ବୈକୁଣ୍ଠ ଶତପଥୀ, ଭାସ୍କର ବାବୁ ଶ୍ରଦ୍ଧାକର ଦାଶ, ଲେଫ୍ଟନେଣ୍ଟ ଆଶିଷ ଅଗ୍ରୱାଲା, ଚିତ୍ତରଞ୍ଜନ ତରାସିଆ, ସୀତାଂଶୁ ମିଶ୍ର, ପ୍ଲାବନ ମାହାପାତ୍ର, ଅକ୍ଷୟ ସାହୁ, ଦୀପକ ମାହାପାତ୍ର, ଡ଼ଃ ସନ୍ତୋଷ ପାଢ଼ୀ, ଲକ୍ଷ୍ମୀଧର ସାହୁ, ସୁନନ୍ଦା ସାହୁ, ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ ଅନୁଷ୍ଠାନର ବୁଦ୍ଧିଜୀବୀ ସ୍ୱେଚ୍ଛାସେବୀ ସ୍ୱାଗତ ସମ୍ବର୍ଦ୍ଧନା ଓ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମତାମତ ପ୍ରଦାନ କରି ଆଗାମୀ ଦିନରେ ଶ୍ରୀମତୀ ପ୍ରଧାନଙ୍କ ସଫଳତା କାମନା କରିଥିଲେ ଓ ନୂତନ ଜିଲ୍ଲାପାଳ, ଏଡିଏମ୍ ଜିଲ୍ଲାରେ ସମସ୍ତ ବର୍ଗର ଲୋକଙ୍କ ସହ ସମନ୍ୱୟ ରଖି ଜିଲ୍ଲାର ଦ୍ରୁତ ବିକାଶ କରିବାକୁ ଅନୁରୋଧ କରିଥିଲେ । ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ତ୍ରିପାଠୀ ସଭା ପରିଚାଳନା କରିଥିବା ବେଳେ ଅଧ୍ୟାପକ ମଦନ ସୁନ୍ଦର ଖେତି ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ସାମ୍ବାଦିକ ରାଜ କିଶୋର ତ୍ରିପାଠୀ ଓ ମହାଦେବ ମଲ୍ଲିକ ଏ ଉତ୍ସବ ଅୟୋଜନରେ ସହଯୋଗ କରିଥିଲେ ।



୧୮ରେ ବ୍ୟାସନଗର କାଳୀ ପୂଜା ଭସାଣି ଉତ୍ସବ:ସୁରକ୍ଷା ବ୍ୟବସ୍ଥା ହେବ କଡ଼ାକଡ଼ି

ବ୍ୟାସନଗର, ନ୍ୟୁଜ୍ ବ୍ୟୁରୋ

ଶନିବାର ବ୍ୟାସନଗର ସହରର ସପ୍ତମ ଦିନରେ ଗଣପର୍ବ ମା' କାଳୀପୂଜା ପଦାର୍ପଣ ହୋଇଛି । ଏହି ପର୍ବରେ ପୂଜା ମଣ୍ଡପର ସାଜସଜ୍ଜା ସୁନ୍ଦରତା ତୋରଣକୁ ଦେଖିବା ପାଇଁ ଦୂର ଦୁରାନ୍ତରୁ ଭକ୍ତମାନଙ୍କର ନହିଁନଥିବା ଭିଡ଼ ଦେଖିବାକୁ ମିଳୁଛି । ଏହି ଭିଡ଼କୁ ନିୟନ୍ତ୍ରଣ କରିବା ପାଇଁ ପ୍ରଶାସନିକ ଓ ପୋଲିସ ବାହିନୀ ଏବଂ ଶାନ୍ତିକମିଟି ପକ୍ଷରୁ ତୀକ୍ଷ୍ଣ ନଜର ରଖିବା ସହିତ ଟ୍ରାଫିକ୍ ଓ ସୁରକ୍ଷା ବ୍ୟବସ୍ଥାକୁ କଡ଼ା କଡ଼ି କରାଯାଇଛି ଓ ଆଗାମୀ ୧୮ ତାରିଖ ଭସାଣି ଉତ୍ସବକୁ ନଜର ରଖି ସୁରକ୍ଷା ବ୍ୟବସ୍ଥାକୁ ଆହୁରି ଦୁଇ ଗୁଣିତ କରାଯାଇଛି । ଶାନ୍ତି କମିଟିର ଏହି କାର୍ଯ୍ୟଧାରାରେ ଅନୁପ୍ରାଣିତ ହୋଇ ଯଜାତି ପ୍ରେସ୍‌କ୍ଲବ ପକ୍ଷରୁ ଶାନ୍ତି କମିଟି ସଭ୍ୟମାନଙ୍କୁ ସଭାପତି ପଦ୍ମଲୋଚନ ନାୟକ ଓ ଟିମ୍ ସମ୍ବର୍ଦ୍ଧନା କରିଥିଲେ ଏବଂ ବିଭିନ୍ନ ପୂଜା ମଣ୍ଡପ ପକ୍ଷରୁ ଶାନ୍ତିକମିଟି ନିମନ୍ତ୍ରଣ ପାଇଁ ଶାନ୍ତିକମିଟିର ସଭାପତି ତଥା ଭାରପ୍ରାପ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ ଶାନ୍ତିକମିଟିର ସମ୍ପାଦକ ବିଦ୍ୟାଧର ମହାନ୍ତି ଏସ୍.ଡି.ପି.ଓ ଶରତ ଚନ୍ଦ୍ର ପାତ୍ର ଆଦର୍ଶ ଥାନା ଆରକ୍ଷୀ ନିରୀକ୍ଷକ ଆଶିଷ କୁମାର ସାହୁ ସମେତ ଶାନ୍ତି କମିଟିର ସଭ୍ୟ ହରିହର ସାମଲ, ଅଯୋଧ୍ୟା ଜେନା, ରାଧାବଲଭ ସ୍ୱାଇଁ, ଦେବେନ୍ଦ୍ରନାଥ ପାଣିଗ୍ରାହୀ ଅଜୟ କୁମାର ସ୍ୱାଇଁ, ସୁବାଷ ଚନ୍ଦ୍ର ବଳ ଶୁଭଙ୍କର ରାଉତ, ଦିଲ୍ଲୀପ କୁମାର ପ୍ରଧାନ, କୀର୍ତ୍ତନ ସ୍ୱାଇଁ, ରବୀନ୍ଦ୍ର କୁମାର ନାୟକଙ୍କୁ ନେଇ ପ୍ରଥମେ ବସ୍ତ୍ରାଖଣ୍ଡ ପୂଜାକମିଟିର ସଭାପତି ହୃଷିକେଶ ସାହୁ ସମ୍ପାଦକ ସତ୍ୟନାରାୟ ମହାନ୍ତି ଆରିୟାନ କ୍ଲବ ସଭାପତି ରବିନାରାୟଣ ପୁହାଣ ସମ୍ପାଦକ ନିମାଇଁ ଚରଣ ରାଉତ, ପବିତ୍ର ମହାନ୍ତି, ହେମନ୍ତ ମହାନ୍ତି, କହ୍ନେଇପୁର ପୂଜା କମିଟି ସଭାପତି କୃଷ୍ଣଚନ୍ଦ୍ର ରାଉତ, ସମ୍ପାଦକ ନୀଳମଣି ରାଉତ, ଓମ୍ ପ୍ରକାଶ ସ୍ୱାଇଁ ଓ ଚାନ୍ଦମା ପୂଜା କମିଟିର ସଭାପତି ଶିଶିର କୁମାର ମଲ୍ଲିକ, ସମ୍ପାଦକ ପ୍ରଶାନ୍ତ ରାଉତ, ପ୍ରଶାନ୍ତ କୁମାର ମଲ୍ଲିକ ସମ୍ବର୍ଦ୍ଧନା କରିବା ସହିତ ଭସାଣି ଉତ୍ସବକୁ ଅଧିକରୁ ଅଧିକ ସରସ ସୁନ୍ଦର ଓ ଶୃଙ୍ଖଳା ହୋଇପାରିବ ନିବେଦନ କରିଥିଲେ।

ଗରିବଙ୍କୁ ଘର ଯୋଗାଣ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ମୁଖ୍ୟ ଲକ୍ଷ୍ୟ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମହାକାଳପଡ଼ା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡର ଅଧ୍ୟକ୍ଷ ଡଃ ଦୁର୍ଗା ପ୍ରସନ୍ନ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଜିଲ୍ଲାପାଳ ରଘୁରାମ ଆର. ଆୟର କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଅଶୋକ କୁମାର ବେହୁରିଆ ଓ ସାଂସଦଙ୍କ ପ୍ରତିନିଧି କିଶୋର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବଲାଙ୍ଗୀର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓଙ୍କ ସମେତ ଅନ୍ୟାନ୍ୟ ମନ୍ତ୍ରୀ ଯୋଗଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଡଃ ନାୟକ କହିଥିଲେ ଯେ, ଗ୍ରାମାଞ୍ଚଳର ଗରିବ, ଭୂମିହୀନ ଓ ନିଜସ୍ୱ ପକ୍କା ଘର ନଥିବା ଯୋଗ୍ୟ ପରିବାରଙ୍କୁ ଆବାସ ଯୋଗାଇଦେବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଜିଲ୍ଲାର ଗ୍ରାମାଞ୍ଚଳରେ ବସବାସ କରୁଥିବା ଗରିବ ପରିବାରଙ୍କ ମୌଳିକ ଆବାସ ଆବଶ୍ୟକତା ପୂରଣରେ ଏହି ଯୋଜନା ବିଶେଷ ସହାୟକ ହେବ। ସମୃଦ୍ଧ ଓଡ଼ିଶା ଓ ବିକଶିତ ଭାରତ ଗଠନ ପାଇଁ ପ୍ରଥମେ ଗ୍ରାମାଞ୍ଚଳର ବିକାଶ ଅତ୍ୟନ୍ତ ଜରୁରୀ। ତେଣୁ ପ୍ରତ୍ୟେକ ପଞ୍ଚାୟତରେ ସର୍ଭେ କରି ଯୋଗ୍ୟ ଭୂମିହୀନ ହିତାଧିକାରୀଙ୍କୁ ପକ୍କା ଘର ଯୋଗାଇଦେବା ଦିଗରେ ଅଧିକାରୀ ଓ ଜନପ୍ରତିନିଧିମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ସେ ଆହ୍ୱାନ ଦେଇଥିଲେ। ଜିଲ୍ଲାପାଳ ଶ୍ରୀ ଆୟର ନିଜ ଅଭିଭାଷଣରେ କହିଥିଲେ ଯେ, କେନ୍ଦ୍ରାପଡ଼ା ଜିଲ୍ଲାରେ ମୋଟ୍ ୧,୪୨,୬୮୩ ଜଣ ହିତାଧିକାରୀଙ୍କ ଘର ସର୍ଭେ କରାଯାଇଛି। ସେଥିମଧ୍ୟରୁ ୧,୧୭,୦୧୪ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ପ୍ରଦାନ ନିମନ୍ତେ ସ୍ଥାୟୀ ଅପେକ୍ଷାରତ ତାଲିକାରେ ସ୍ଥାନିତ କରାଯାଇଛି। ଯୋଜନାର ସୁଫଳ ଯେପରି ପ୍ରକୃତ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚିବ, ସେଥିପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ। ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟରେ ଘର ହରାଇଥିବା ଯୋଗ୍ୟ ପରିବାରଙ୍କୁ ଆବାସ ଯୋଗାଣ କ୍ଷେତ୍ରରେ ପ୍ରାଥମିକତା ଦିଆଯିବ ବୋଲି ଉଲ୍ଲେଖ କରିଥିଲେ। ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲ୍ଲାର ସମସ୍ତ ବ୍ଲକ୍ ଅଧ୍ୟକ୍ଷ/ଅଧ୍ୟକ୍ଷା, ବିଡିଓ, ଏବିଡିଓ, ପଞ୍ଚାୟତସ୍ତରୀୟ ଜନପ୍ରତିନିଧି, ବିଭିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ, ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ଶିଶୁମାନଙ୍କ ସୃଜନଶୀଳତାର ମହାପର୍ବ 'କସ୍ତୁରୀ'

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ରେଆର ସୋନପୁର ଦ୍ୱାରା ପ୍ରତିବର୍ଷ ଆୟୋଜିତ ହେଉଥିବା ଭିନ୍ନକ୍ଷମ ଶିଶୁମାନଙ୍କ ସୃଜନଶୀଳତାର ମହାପର୍ବ 'କସ୍ତୁରୀ' ଶିଶୁ ଦିବସ ଅବସରରେ ଧୋବାମୁଣ୍ଡ ସ୍ଥିତ ଅନୁଷ୍ଠାନର ମୂଖ୍ୟ କାର୍ଯ୍ୟାଳୟ ପରିସରରେ ଆୟୋଜିତ ହୋଇଯାଇଛି । ପୂର୍ବାହ୍ନରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ମୂଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ), ସୁବର୍ଣ୍ଣପୁର ରାଜେନ୍ଦ୍ର କୁମାର ମାଝୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୂଖ୍ୟ ଚିକିତ୍ସାଧିକାରୀ, ଡକ୍ଟର ଉଷାରାଣୀ ଦାସ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ମିଶ୍ର, ଜିଲ୍ଲା ଆଇନ୍ ସେବା କର୍ତ୍ତୃପକ୍ଷ ଦେବାଶିଷ ଦାସ, ନିର୍ଦ୍ଦେଶକ ସିଆରସି ବଲାଙ୍ଗୀର ଗୁରୁବକ୍ସ ଚାନ୍ଦ ଜାଗୋତା, ଅତିଥି ରୂପେ ଯୋଗଦେଇ କସ୍ତୁରୀର ଶୁଭେଚ୍ଛା ଜଣାଇଥିଲେ। ସଭ୍ୟା ହରି ପ୍ରିୟା ପାଣିଗ୍ରାହୀ, ସ୍ୱାଗତ ଭାଷଣ ଦେଇଥିବା ବେଳେ ଉପସଭାନେତ୍ରୀ ପଦ୍ମିନୀ ବଳି ଓ ସଭାପତି ପ୍ରଫେସର ଅଶ୍ୱିନୀ କୁମାର ହୋତା ମଧ୍ୟ ସମ୍ବୋଧିତ କରିଥିଲେ। ଅନୁଷ୍ଠାନର ସହପ୍ରତିଷ୍ଠାତା ଅମ୍ବୁଜ ବିହାରୀ ଶତପଥୀ ସମସ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହ ସଂପାଦକ ଅନଙ୍ଗ ନେଗୀ ଧନ୍ୟବାଦ ଅର୍ପଣ କରିଥିଲେ। ବୈଷୟିକ ପର୍ଯ୍ୟାୟରେ ଶିଶୁମାନଙ୍କ ପାଇଁ, ଶିକ୍ଷଣ ସାଧନ, କାଗଜ ଖେଳ, ପଥର ପେଣ୍ଟିଂ, କଣ୍ଢେଇ ନାଚର ସୃଜନ କୋଣ ତଥା ଭିନ୍ନକ୍ଷମଙ୍କ ପାଇଁ ଉଦ୍ଦିଷ୍ଟ ଆଇନ୍ ସମ୍ପର୍କରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ମୂଖ୍ୟ ଚିକିତ୍ସାଳୟ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ତ୍ରିବିକ୍ରମ ପାଣ୍ଡିଆ ମଧ୍ୟ ଯୋଗଦେଇ ଶିଶୁ ମାନଙ୍କୁ ଉତ୍ସାହିତ କରିଥିଲେ। ଶେଷରେ ଭିନ୍ନକ୍ଷମ ଶିଶୁ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଶିକ୍ଷକ ଗୀତାଞ୍ଜଳି ଦରଓ୍ୱାନ ସଂଯୋଜନା କରିଥିଲେ।

ଇତିହାସକୁ ବଦଳାଇବା ପ୍ରଚେଷ୍ଟାକୁ କଂଗ୍ରେସର ବିରୋଧ

ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ

ରଘୁନାଥପୁର ବ୍ଲକ ତରିକୁନ୍ଦ ଠାରେ ଭଗ୍ନାବସ୍ଥାରେ ରହିଥିବା ଆଧୁନିକ ଭାରତର ନିର୍ମାତା ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାର ଲାଲ ନେହେରୁଙ୍କ ପ୍ରତିମୂର୍ତ୍ତିକୁ ବ୍ଲକ କଂଗ୍ରେସର ଦାବିରେ ପ୍ରଶାସନ ଦ୍ୱାରା ଏହାକୁ ପୁନଃଉଦ୍ଧାର କରାଯାଇ ତାଙ୍କ ଜନ୍ମ ବାର୍ଷିକ ଅବସରରେ ଏହାକୁ ବରିଷ୍ଠ ନାଗରିକ ମଞ୍ଚର ସଭାପତି କେଳୁ ଚରଣ ଦାସଙ୍କ କରକମଳରେ ଏବଂ ଜିଲ୍ଲା କଂଗ୍ରେସ ସଭାପତି ଦେବପ୍ରସାଦ ନାୟକ ଓ ଅନ୍ୟାନ୍ୟ ନେତୃବୃନ୍ଦଙ୍କ ଉପସ୍ଥିତିରେ ପୁନଃଉନ୍ମୋଚନ କରାଯାଇଥିଲା । ପରେ ଶିଶୁ ଦିବସ ଅବସରରେ ତରିକୁନ୍ଦ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ କଂଗ୍ରେସ ନେତୃବୃନ୍ଦମାନେ ଚକୋଲେଟ୍ ବାଣ୍ଟି ଶିଶୁ ଦିବସ ପାଳନ କରିବା ସହିତ ନେହେରୁଙ୍କ ଭାରତ ପ୍ରତି ଥିବା ଅବଦାନ ଓ ବଳିଦାନ ବିଷୟରେ ସୂଚନା ଦେଇଥିଲେ। ଏତଦ୍‌ବ୍ୟତିତ



ସମବାୟ ସପ୍ତାହ ଆରମ୍ଭ ଅବସରରେ ସମବାୟବିତ୍ ମାଧବ। ନନ୍ଦ ପ୍ରଧାନ, ସବିତା ଦଳେଇ, ବରିଷ୍ଠ ଶିକ୍ଷାବିତ୍ ରଘୁନାଥ ପତି, ରମେଶ ଚନ୍ଦ୍ର ଦଲାଇ, ମହମ୍ମଦ ହବିବ, କୃଷ୍ଣଚନ୍ଦ୍ର ବିଶ୍ୱାଳ, ବରିଷ୍ଠ ନାଗରିକ ରୌନକ ଅଲ୍ଲୀ ଖାନଙ୍କୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଉତ୍ତୋରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ପଣ୍ଡିତ ନେହେରୁଙ୍କ ସମବାୟ, ବିଜ୍ଞାନ, କୃଷି ଏବଂ ଭାରତ ଗଠନରେ ତାଙ୍କ ଭାଗିଦାରକୁ ସ୍ମରଣ କରାଯାଇଥିଲା । କେନ୍ଦ୍ରର ବିଜେପି ସରକାର ଇତିହାସକୁ ବଦଳାଇ ଦେବା କିମ୍ବା ବିକୃତ କରିବାର ଯେଉଁ ଅପଚେଷ୍ଟା କରୁଛନ୍ତି ତାହା ବର୍ତ୍ତମାନ ପିଢ଼ି ଓ ଭବିଷ୍ୟପିଢ଼ିଙ୍କ ପାଇଁ ଘାତକ ସାବ୍ୟସ୍ତ ହେବ । ସୁତରାଂ ସେଥିରୁ ନିବୃତ୍ତ ରହିବାକୁ ଜିଲ୍ଲା କଂଗ୍ରେସ ସଭାପତି ସଚେତନ କରେଇଥିଲେ। ପରିଶେଷରେ ସନ୍ଧିଧାନ ବଞ୍ଚାଅ, ଦେଶ ବଞ୍ଚାଅ ଓ ଭୋଟ୍ ବଞ୍ଚାଅ ଉପରେ ଏକ ଜନ ସଚେତନତା କାର୍ଯ୍ୟକ୍ରମ ଚୈପାଲ ବୈଠକ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସହ ପ୍ରଭାରୀ ମାନସ କର, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ବୃନ୍ଦାବନ ପ୍ରଧାନ, ମାନସ ଗୋଚ୍ଛାୟତ, ଦିଲ୍ଲୀପ ମାହାର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନ ରଞ୍ଜନ ପୃଷ୍ଟି, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଏସି ସେଲ୍ ସଭାପତି ଲକ୍ଷ୍ମୀଧର ମଲ୍ଲିକ, ପୁରୁଣାବସନ୍ତ ସରପଞ୍ଚ କାଳନ୍ଦୀ ମହାନ୍ତି, ନାରାୟଣ ନାୟକ, ପ୍ରଫୁଲ୍ଲ ସାହୁ, ଟୁନ ଭୋଇ, ପ୍ରଦୀପ ସ୍ୱାଇଁ, ମୁକ୍ତାର ଅଲ୍ଲୀ, ନୟିମ ଖାନ୍, ଏସ୍. କେ ଫାରୁକ୍ ଆଲ୍ଲାମ, ଜୟଚାନ୍ଦ ମହାନ୍ତି, ବସନ୍ତ ଦାଶ, ସୁବାଷ ରାଟସିଂହ, ଶିବ ପ୍ରସାଦ ସାହୁ, ପ୍ରଦୀପ ନାୟକ, ସନ୍ତୋଷ ପାତ୍ର, ତ୍ରିଲୋଚନ ରାଉତ, ରାଜେଶ ଭୋଳ, ସନ୍ତୋଷ ପ୍ରଧାନ, ନିହାର ରଞ୍ଜନ ଦାସ, ଗଙ୍ଗାଧର ବାରିକ, ପ୍ରଦିପ୍ତ ଦାସ, ସତ୍ୟବ୍ରତ ଦାସ, ସୁଶୀଲ ଦାଶ, ପ୍ୟାରେଶ ପାତ୍ର, ଆଦିତ୍ୟ ଅଶୁଂମାନ, ସାଇ ପ୍ରଭଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ ।

ନିଖୋଜ ଯୁବ ବ୍ୟବସାୟୀଙ୍କ ଉଦ୍ଧାର ଦାବିରେ ରାସ୍ତାରୋକ



ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ

ବୌଦ୍ଧ ସହରର ଜଣେ ଯୁବ ବ୍ୟବସାୟୀ ବିରୁପାକ୍ଷ ଆଗ୍ରୱାଲ ଗତ ଗୁରୁବାର ଦିନ ଠାରୁ ନିଖୋଜ ହୋଇଯାଇଛନ୍ତି। ଦିନ ବିତିବା ସହ ତାଙ୍କର କୌଣସି ଖୋଜଖବର ମିଳୁନଥିବାରୁ ପରିବାର ଲୋକଙ୍କ ଚିନ୍ତା ବଢ଼ିଯାଇଛି। ସୂଚନା ଅନୁଯାୟୀ, ବିରୁପାକ୍ଷ ଗୁରୁବାର ଅପରାହ୍ନ ପ୍ରାୟ ୨ଟା ସମୟରେ ଗାନ୍ଧୀଚକ ସ୍ଥିତ ନିଜ ଦୋକାନରୁ କେଉଁଆଡ଼େ ଚାଲିଯାଇଥିଲେ। ଏହାପରଠାରୁ ତାଙ୍କର ଆଉ କୌଣସି ପତ୍ତା ମିଳୁନାହିଁ। ସାଙ୍ଗରେ ନେଇଥିବା ମୋବାଇଲ୍ ଫୋନ୍ ମଧ

32 YEARS
ଧ୍ୱନି କଳିଙ୍ଗ
ଭୁବନେଶ୍ୱର, ୧୭ ନଭେମ୍ବର, ମଙ୍ଗଳବାର, ୨୦୨୬
ପୃଷ୍ଠା – ୬

ସାଫ୍ ଫୁଟ୍‌ବଲ ଚାମ୍ପିୟନସିପ୍

କ୍ରମାଗତ ତୃତୀୟ ଥର ଚାମ୍ପିୟନ ଲକ୍ଷ୍ୟରେ ଭାରତ



ଢାକା

ଭାରତ ଓ ପାକିସ୍ତାନ ମଧ୍ୟରେ ସାଫ୍ ଫୁଟ୍‌ବଲ ଚାମ୍ପିୟନସିପ୍ ଫାଇନାଲ ମଙ୍ଗଳବାର ଖେଳାଯିବ। ଭାରତ ଓଭର ଅଲ ରେକର୍ଡ ୯ଥର ଚାମ୍ପିୟନ ହୋଇସାରିଛି। ଏଥର ଫାଇନାଲ ଜିତି କ୍ରମାଗତ ତୃତୀୟ ଥର ଚାମ୍ପିୟନ ହେବା ଲକ୍ଷ୍ୟରେ ରହିଛି। ଭାରତ ୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫, ୨୦୨୧ ଓ ୨୦୨୩ରେ ଟ୍ରଫି ହାସଲ କରିସାରିଛି। ଅନ୍ୟପକ୍ଷେ ପାକିସ୍ତାନ ପୂର୍ବରୁ ୪ଥର ସେମିଫାଇନାଲରେ ପ୍ରବେଶ କରିଥିବା ବେଳେ ପ୍ରଥମ ଥର ସାଫ୍ ଚାମ୍ପିୟନସିପ୍ ଫାଇନାଲକୁ ଉନ୍ନୀତ ହୋଇଛି।

ନିକଟ ଅତୀତରେ ଏହି ଦେଶ ୨୦୧୮ରେ ସେମିଫାଇନାଲରେ ଖେଳିଥିଲା। ଏଥର ଶନିବାର ଅନୁଷ୍ଠିତ ସେମିଫାଇନାଲରେ ସେମାନେ ଆୟୋଜକ ବାଂଲାଦେଶକୁ ୧-୦ ଗୋଲ୍‌ରେ ପରାସ୍ତ କରିଛନ୍ତି। ଭାରତ ଥରେ ମାତ୍ର ୨୦୦୩ରେ ଫାଇନାଲରେ ପହଞ୍ଚି ପାରି ନ ଥିଲା। ସାଫ୍ ଚାମ୍ପିୟନସିପ୍ ପାଇଁ ଭାରତ ଏଥର ତା'ର ଦ୍ୱିତୀୟ ଶ୍ରେଣୀ ଦଳ ପଠାଇଥିଲେ ହେଁ ଟାଇଟଲ ଜିତିବା ଲକ୍ଷ୍ୟ ରଖିଛି। ୨୦୨୬ ସାଫ୍ ଚାମ୍ପିୟନସିପ୍ ପାଇଁ ମୁଖ୍ୟ କୋଚ୍ ଦାୟିତ୍ୱରେ ଥିବା ନୌସାଦ ମୂଷା ଦଳର ଅଗ୍ରଗତି ନେଇ ସନ୍ତୋଷ ପ୍ରକାଶ କରିଛନ୍ତି।

ଦ୍ୱିତୀୟ ଥର ପାଇଁ ଆଇସିସିର ଅଧକ୍ଷ ହେଲେ ଜୟ ଶାହ

ନୂଆଦିଲ୍ଲୀ



ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦର ଲଗାତାର ଦ୍ୱିତୀୟ ଥର ପାଇଁ ଅଧକ୍ଷ ହୋଇଛନ୍ତି ଜୟ ଶାହ। ଜୟ ଶାହ ନିର୍ଦ୍ୱନ୍ଦ୍ୱରେ ଆଇସିସିର ଅଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ଇଣ୍ଡୋନେସିଆର ବାଲିରେ ଆୟୋଜିତ ଆଇସିସି ବୋର୍ଡ ବୈଠକ ସମୟରେ ନିର୍ଦ୍ଦେଶକମାନଙ୍କ ପ୍ରସ୍ତାବ ପରେ ବୋର୍ଡ ତାଙ୍କର ଦ୍ୱିତୀୟ କାର୍ଯ୍ୟକାଳ ଉପରେ ମୋହର ମାରିଛି। କ୍ରିକେଟର ବିଶ୍ୱସ୍ତରୀୟ ବିସ୍ତାର ଏବଂ ଖେଳର ଭବିଷ୍ୟତ ଯୋଜନା ଦୃଷ୍ଟିରୁ ଏହି ନିଷ୍ପତ୍ତିକୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି।

ଜୟ ଶାହଙ୍କ ନେତୃତ୍ୱ ଉପରେ ଭରସା ପ୍ରକଟ କରି ଆଇସିସି ବୋର୍ଡ ତାଙ୍କୁ ଆଉ ଏକ କାର୍ଯ୍ୟକାଳର ଦାୟିତ୍ୱ ଅର୍ପଣ କରିଛି। କ୍ରିକେଟ୍ ବର୍ତ୍ତମାନ ବିଶ୍ୱସ୍ତରରେ ଏହାର ବିସ୍ତାର, ପ୍ରଶଂସକଙ୍କ ବଢୁଥିବା ସଂଖ୍ୟା ଏବଂ ବ୍ୟାବସାୟିକ ବିକାଶର ଏକ ନୂତନ ପର୍ଯ୍ୟାୟ ଦେଇ ଗତି କରୁଛି। ଏହା ବ୍ୟତୀତ ଲସ୍ ଆଞ୍ଜେଲସ୍ ଅଲିମ୍ପିକ୍ସ ୨୦୨୮ରେ କ୍ରିକେଟର ପ୍ରତ୍ୟାବର୍ତ୍ତନ ମଧ୍ୟ ଏହି ଖେଳ ପାଇଁ ଏକ ବଡ଼ ସୁଯୋଗ ଭାବେ ବିବେଚନା କରାଯାଉଛି। ଆଇସିସି ନିକଟରେ ପ୍ରତିଯୋଗିତାଗୁଡ଼ିକ ପାଇଁ ଏହାର ଦୀର୍ଘକାଳୀନ କାର୍ଯ୍ୟକ୍ରମର ମଧ୍ୟ ବିସ୍ତାର କରିଛି। ଯାହାଦ୍ୱାରା ଖେଳାଳିମାନଙ୍କୁ ଅଧିକ ସୁଯୋଗ ଏବଂ କ୍ରିକେଟର ବିକାଶ ପାଇଁ ନୂତନ ରାସ୍ତା ମିଳିପାରିବ।

ବୋର୍ଡ କ୍ରିକେଟର ଭିତ୍ତିଭୂମିକୁ ସୁଦୃଢ଼ କରିବା, ମହିଳା କ୍ରିକେଟର ବିକାଶକୁ ତ୍ୱରାନ୍ୱିତ କରିବା ଏବଂ ଆସୋସିଏଟ୍ ସଦସ୍ୟମାନଙ୍କ ପାଇଁ ସୁଯୋଗ ବଢ଼ାଇବାର ପ୍ରତିବଦ୍ଧତାକୁ ମଧ୍ୟ ଦୋହରାଇଛି। ଏହା ସହିତ ଅନ୍ତର୍ଜାତୀୟ କ୍ରିକେଟର ସ୍ୱଚ୍ଛତା ଏବଂ ବିଶ୍ୱସନୀୟତା ବଜାୟ ରଖିବା ତଥା ଖେଳର ଭବିଷ୍ୟତ ପାଇଁ ଉନ୍ନତ ବ୍ୟାବସାୟିକ ସୁଯୋଗ ବିକଶିତ କରିବା ଉପରେ ଗୁରୁତ୍ୱ ଦିଆଯାଇଛି।

ଦ୍ୱିତୀୟ ଥର ପାଇଁ ଆଇସିସି ଅଧକ୍ଷ ଭାବେ ନିର୍ବାଚିତ ହେବା ପରେ ଜୟ ଶାହ କହିଛନ୍ତି, 'ଆଇସିସି ବୋର୍ଡ ମୋ ଉପରେ ଯେଉଁ ଭରସା ପ୍ରକଟ କରିଛି, ସେଥିପାଇଁ ମୁଁ ନିଜକୁ ଅତ୍ୟନ୍ତ ସମ୍ମାନିତ ମନେ କରୁଛି। ସମସ୍ତ ନିର୍ଦ୍ଦେଶକଙ୍କ ନିରନ୍ତର ବିଶ୍ୱାସ ଏବଂ ସମର୍ଥନ ପାଇଁ ମୁଁ ସେମାନଙ୍କ ନିକଟରେ କୃତଜ୍ଞ। ଆଇସିସିର ଚେୟାରମ୍ୟାନ୍ ଭାବେ କାର୍ଯ୍ୟ କରିବା ମୋ ପାଇଁ ସମ୍ମାନ ସହିତ ଏକ ବଡ଼ ଦାୟିତ୍ୱ ମଧ୍ୟ। ସାରା ବିଶ୍ୱରେ କ୍ରିକେଟର ସ୍ୱାର୍ଥକୁ ଆଗକୁ ବଢ଼ାଇବା ପାଇଁ ମୁଁ ସମସ୍ତ ସଦସ୍ୟ ଦେଶମାନଙ୍କ ସହିତ ମିଳିମିଶି କାମ କରିବାକୁ ପ୍ରତିବଦ୍ଧ। ଆମେ ଆମ ଖେଳର ଇତିହାସର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଏବଂ ରୋମାଞ୍ଚକର ପର୍ଯ୍ୟାୟରେ ପ୍ରବେଶ କରୁଛୁ। ଲସ୍ ଆଞ୍ଜେଲସ୍ ୨୦୨୮ ଅଲିମ୍ପିକ୍ସରେ କ୍ରିକେଟର ପ୍ରତ୍ୟାବର୍ତ୍ତନ ଆମ ଖେଳକୁ ନୂଆ ଦର୍ଶକଙ୍କ ନିକଟରେ ପହଞ୍ଚାଇବା ଏବଂ ଖେଳାଳି ତଥା ପ୍ରଶଂସକଙ୍କ ନୂଆ ପିଢ଼ିକୁ ପ୍ରେରିତ କରିବା ପାଇଁ ଏକ ଅସାଧାରଣ ସୁଯୋଗ।'

ଜୟ ଶାହ ୨୦୨୪ ମସିହାରେ ପ୍ରଥମ ଥର ପାଇଁ ଆଇସିସିର ଚେୟାରମ୍ୟାନ୍ ହୋଇଥିଲେ। ସେ ନ୍ୟୁଜିଲାଣ୍ଡର ଗ୍ରେଗ୍ ବାର୍କଲେଙ୍କ ସ୍ଥାନ ନେଇଥିଲେ ଏବଂ ମାତ୍ର ୩୬ ବର୍ଷ ବୟସରେ ଏହି ପଦବୀରେ ପହଞ୍ଚିବାରେ ସବୁଠାରୁ କିନିଷ୍ଠ ବ୍ୟକ୍ତି ହୋଇଥିଲେ। ସୂଚନାଯୋଗ୍ୟ ଯେ, ଜୟ ଶାହ ଆଇସିସିର ମୁଖ୍ୟ ହେବାରେ ପଞ୍ଚମ ଭାରତୀୟ ଅଟନ୍ତି। ତାଙ୍କ ପୂର୍ବରୁ ଜଗମୋହନ ଡାଲମିଆ, ଶରଦ ପାୱାର, ଏନ୍ ଶ୍ରୀନିବାସନ୍ ଏବଂ ଶଶାଙ୍କ ମନୋହର ମଧ୍ୟ ଏହି ପଦବୀ ସମ୍ଭାଳି ସାରିଛନ୍ତି। ତେବେ ୨୦୧୫ ମସିହା ପୂର୍ବରୁ ଏହି ପଦବୀକୁ 'ପ୍ରେସିଡେଣ୍ଟ' କୁହାଯାଉଥିଲା, ଯାହାକୁ ପରେ ପରିବର୍ତ୍ତନ କରି 'ଚେୟାରମ୍ୟାନ୍' କରାଯାଇଛି।

ଏସ୍.କେ. ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ

ଫାଇନାଲରେ ମେଣ୍ଢାଶାଳକୁ ହରାଇ ଇଟାମାଟି ଚାମ୍ପିୟନ

ଖୋର୍ଦ୍ଧା, ନ୍ୟୁଜ୍‌ବ୍ୟୁରୋ



ବେଗୁନିଆ ବ୍ଲକ ଅନ୍ତର୍ଗତ ପୋଡ଼ାଡ଼ିହ ହାଇସ୍କୁଲ ଖେଳ ପଡ଼ିଆରେ ଦୁଇଦିନ ଧରି ଚାଲିଥିବା ଏସ୍.କେ. ମେମୋରିଆଲ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇ ଯାଇଛି। ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ମେଣ୍ଢାଶାଳ ଦଳକୁ ପରାସ୍ତ କରି ଇଟାମାଟି ଦଳ ଚଳିତ ବର୍ଷର ଚାମ୍ପିୟନ ହୋଇଛି। ଅନ୍ୟପକ୍ଷରେ ମେଣ୍ଢାଶାଳ ଦଳ ରନର୍ସଅପ୍ ଟ୍ରଫି ହାସଲ କରିଛି।

ପୋଡ଼ାଡ଼ିହ ସ୍ପୋର୍ଟ୍ସ ଆସୋସିଏସନ୍ ପକ୍ଷରୁ ନଭେମ୍ବର ୧୪ ଓ ୧୫ ତାରିଖରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ବାଲିଅନ୍ତା, ନରସିଂହପୁର, ଇଟାମାଟି, କୁରା-ଢ଼ିଲୋ, ମେଣ୍ଢାଶାଳ, ପୋଡ଼ାଡ଼ିହ, ରେନବୋ ଓ ଜେନାପଦା ଦଳ ମଧ୍ୟରେ କ୍ୱାର୍ଟର ଫାଇନାଲ୍‌ରୁ ଆରମ୍ଭ ହୋଇ ଥିଲା ଜୋରଦାର ପ୍ରତିଯୋଗିତା। ପରବର୍ତ୍ତୀ ପର୍ଯ୍ୟାୟରେ ସେମିଫାଇନାଲ୍ ଓ ଫାଇନାଲ୍ ମ୍ୟାଚ୍‌ରେ ଖେଳାଳିମାନେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରିଥିଲେ।

ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଧାନଶିକ୍ଷକ ରାମଚନ୍ଦ୍ର ଦାସ ମୁଖ୍ୟ ବକ୍ତା ଭାବେ ଶିକ୍ଷାବିତ ବିରେନ କୁମାର ନାୟକ, ସାନମାନିତ ଅତିଥି ଭାବେ ସାଇନି ଗ୍ରାଫିକ୍ସ ମୁଖ୍ୟ ଗୋପାଳ କୃଷ୍ଣ ସୁବୁଦ୍ଧି, କ୍ରୀଡ଼ାବିତ ପ୍ରଭାକର ବିଶ୍ୱାଳ ପ୍ରମୁଖ ଅତିଥିବୃନ୍ଦ ଯୋଗଦେଇଥିଲେ। ସେହିପରି ଉଦ୍‌ଯାପନୀ ଉତ୍ସବରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦାସଙ୍କ ଅଧକ୍ଷତା ରେ ମୁଖ୍ୟ ଅତିଥି ଭାବେ ପରିବର୍ତ୍ତନ ଫାଉଣ୍ଡେସନର ନିର୍ଦ୍ଦେଶିକା ସୋନୁ ମଲ୍ଲିକ, ବିଶିଷ୍ଟ ଅତିଥି ଭାବେ ବିଲଡର ରାମଚନ୍ଦ୍ର ପ୍ରଧାନ, ମୁଖ୍ୟ ବକ୍ତା ଭାବେ ଭଲି ବଲ କ୍ରୀଡ଼ାବିତ ହିମାଂଶୁଭୂଷଣ ଶତପଥି, ଭଲିବଲ କ୍ରୀଡ଼। ସଂଗଠକ ଶିବଶମ୍ଭୁ ପ୍ରଧାନ ଯୋଗଦେଇ ବିଜୟୀ ଓ ଉପବିଜୟୀ ଦଳକୁ ଉତ୍ସାହିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ କ୍ରୀଡ଼। ପରିଚାଳନା କ୍ରୀଡ଼ାବିତ ଦୁର୍ଯ୍ୟୋଧନ ବିଶ୍ୱାଳ, ଭାସକ ଓ ମଞ୍ଚ ପରିଚାଳନା ଶିକ୍ଷାବିତ ବସନ୍ତ କୁମାର ବେହେରା ଟୁର୍ଣ୍ଣାମେଣ୍ଟ ସଂଯୋଜନା ଦାୟିତ୍ୱ ଶୁଭକାନ୍ତ ପ୍ରଧାନ ଓ ଯୋଗେଶ୍ୱର ମାଣିକ କରିଥିବା ବେଳେ ଅନୁଷ୍ଠାନର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

ଏହି ଅବସରରେ ଆୟୋଜକ କମିଟି ପକ୍ଷରୁ ଖେଳାଳିମାନଙ୍କୁ ଉତ୍ସାହିତ କରାଯିବା ସହ ଗ୍ରାମାଞ୍ଚଳରେ ଭଲିବଲ୍ ଖେଳର ପ୍ରସାର, ଯୁବ ପ୍ରତିଭାଙ୍କୁ ସୁଯୋଗ ପ୍ରଦାନ ଏବଂ କ୍ରୀଡ଼। ମାଧ୍ୟମରେ ଭାଇଚାରା ବଜାୟ ରଖିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା। ପୋଡ଼ାଡ଼ିହ ସ୍ପୋର୍ଟ୍ସ ଆସୋସିଏସନ୍‌ର ଏହି ଉଦ୍ୟମକୁ ସ୍ଥାନୀୟ ଅଞ୍ଚଳରେ ପ୍ରଶଂସା କରାଯାଇଛି।

ଆନ୍ଦ୍ରିଭା ଜିତିଲେ ଡବ୍ଲ୍ୟୁଟିଏ ଫାଇନାଲ୍ସ ଟ୍ରଫି

ଇଣ୍ଡିଆନ୍‌ଓ୍ୱେଲ୍



ଚଳିତ ବର୍ଷର ଶେଷ ଟେନିସପ୍ରତିଯୋଗିତା ଡବ୍ଲ୍ୟୁଟିଏ ଫାଇନାଲ୍ସ ଏକକ ବର୍ଗରେ ୧୯ ବର୍ଷୀୟ ରୁଷୀୟ ତରୁଣୀ ମୀରା ଆନ୍ଦ୍ରିଭା ଟ୍ରଫି ହାତେଇଛନ୍ତି। ସୋମବାର ଫାଇନାଲ୍‌ରେ ଫ୍ରେଞ୍ଚ ଓପନ ବିଜୟିନୀ ଆନ୍ଦ୍ରିଭା ସିଧାସଳଖ ୭-୫, ୬-୩ ସେଟ୍‌ରେ ୟୁକ୍ରେନ୍‌ର ଏଲିନା ସ୍ୱିତୋଲିନାଙ୍କୁ ପରାସ୍ତ କରିଛନ୍ତି। ନୂଆ ଟେନିସ ରାଣୀ ଭାବେ ଉଭା ହୋଇଥିବା ଆନ୍ଦ୍ରିଭା ଏହି ପ୍ରତିଯୋଗିତାରେ ୫-୦ରେ ଅପରାଜେୟ ରହିବା ସହ ଡବ୍ଲ୍ୟୁଟିଏ ମାନ୍ୟତାରେ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି।

ଡବ୍ଲ୍ୟୁଟିଏ ଫାଇନାଲ୍ସ ଟ୍ରଫି ସହ ଆନ୍ଦ୍ରିଭା ୩.୩୭ ନିୟୁତ ଡଲାର (ପ୍ରାୟ ୩୨ କୋଟି ଟଙ୍କା)ର ପୁରସ୍କାର ରାଶି ଏବଂ ଗାଢ଼ ବାଇଗଣୀ ରଙ୍ଗର ଏକ ମର୍ସିଡିଜ୍ ବେଞ୍ଚ କାର୍ ଉପହାର ପାଇଛନ୍ତି। ଇଣ୍ଡିଆନ୍‌ଓ୍ୱେଲ୍ସ କୋର୍ଟକୁ କାର୍‌ଟି ଆସିବା ପରେ ସେ ଚାଳକ ସିଟ୍‌ରେ ବସି ନିଜର ଏହି ବିଜୟ ଉତ୍ସବର ମୁହୂର୍ତ୍ତକୁ ସ୍ମରଣୀୟ କରିଥିଲେ। ଯୁଗଳରେ ଚେକ୍‌ଗଣରାଜ୍ୟର କାଟେରିନା ସିନିଆକୋଭା ଓ ଆମେରିକାର ଟେଲର ଟାଉନସେଣ୍ଡ ବିଜୟିନୀ ହୋଇଛନ୍ତି। ଫାଇନାଲ୍‌ରେ ଚଳିତ ବର୍ଷ ଫ୍ରେଞ୍ଚ ଓ ୟୁଏସ୍ ଓପନ୍ ଜିତିଥିବା ଏହି ଚେକ୍-ଆମେରିକୀୟ ଯୋଡ଼ି ୬-୪, ୬-୩ ସେଟ୍‌ରେ ଇଟାଲିର ସାରା ଏରାନି ଓ ଯଶ୍ମିନ ପାଓଲିନଙ୍କୁ ହରାଇଥିଲେ।

ସଚିନ ତେନ୍ଦୁଲକରଙ୍କ ସହ 'ଗଲି କ୍ରିକେଟ୍' ଖେଳିଲେ ବ୍ରିଟେନର ରାଜ ଦମ୍ପତି



ମୁମ୍ବାଇ

ବ୍ରିଟେନର ରାଜକୁମାର ୱିଲିୟମ୍ ଓ ରାଜକୁମାରୀ କେଟ୍ ମିଡଲଟନ୍ ତିନି ଦିନିଆ ଭାରତ ଗସ୍ତରେ ଆସି ମୁମ୍ବାଇରେ ପହଞ୍ଚିଛନ୍ତି। ସୋମବାର ଏହି ଦମ୍ପତି ନିଜର ଭାରତ ଯାତ୍ରା ମୁମ୍ବାଇରେ 'ଗଲି କ୍ରିକେଟ୍' ଖେଳ ସହିତ ଆରମ୍ଭ କରିଛନ୍ତି। ଏହା ସମେତ ଏହି ରାଜ ଦମ୍ପତି କ୍ରିକେଟ୍ ଭେଟେରାନ୍ ମାଷ୍ଟର ବ୍ଲାଷ୍ଟର ସଚିନ୍ ତେନ୍ଦୁଲକରଙ୍କ ସହ କ୍ରିକେଟ୍ ଖେଳିବାର ମଧ୍ୟ ମଜା ନେଇଛନ୍ତି। ସ୍କୁଲ ଝିଅମାନଙ୍କର ଏକ ମହିଳା କ୍ରିକେଟ୍ ଦଳ ମଧ୍ୟ ଏହି ଖେଳରେ ଅଂଶଗ୍ରହଣ କରିଥିଲେ।

ସୋମବାର ଦିନ ଦକ୍ଷିଣ ମୁମ୍ବାଇର ବାଲାର୍ଡ ପିଅର ଅଞ୍ଚଳରେ ସଚିନ ତେନ୍ଦୁଲକରଙ୍କ ସହ ଏହି ରାଜ ଦମ୍ପତି କ୍ରିକେଟର ମଜା ନେଇଥିଲେ। ଏମାନେ ଏହି ଅଞ୍ଚଳରେ ପହଞ୍ଚିବା ମାତ୍ରେ ତିନିଜଣ ରାସ୍ତା କଡ଼ରେ ଠିଆ ହୋଇ ପ୍ରଥମେ କୁଲହଡ଼ରେ ଗରମ ଚା'ର ମଜା ନେଇଥିଲେ। ଏହି ଚା' ସହିତ ଏମାନେ କିଛି ସ୍ୱତନ୍ତ୍ର ନିମନ୍ତ୍ରିତ ଲୋକଙ୍କ ସହିତ 'ଚାଏ ପେ ଚର୍ଚ୍ଚା' ମଧ୍ୟ କରିଥିଲେ। ଏହାପରେ କ୍ରିକେଟ ଖେଳିବା ଆରମ୍ଭ କରିବା ପୂର୍ବରୁ, ସଚିନ ରାଜ ଦମ୍ପତିଙ୍କୁ ଗଲି କ୍ରିକେଟର କିଛି ମୌଳିକ ନିୟମ ବୁଝାଇଥିଲେ। ଏହା ପରେ ରାଜ ଦମ୍ପତି ସଚିନଙ୍କ ସହ କ୍ରିକେଟର ମଜା ନେଇଥିଲେ।

ବ୍ରିଟେନର ପ୍ରିନ୍ସ ୱିଲିୟମ୍ ପୂର୍ବରୁ ମଧ୍ୟ ମୁମ୍ବାଇର ଓଭାଲ୍ ଗ୍ରାଉଣ୍ଡରେ କ୍ରିକେଟ୍ ଉପଭୋଗ କରିଛନ୍ତି। ୧୦ ଏପ୍ରିଲ୍ ୨୦୧୬ରେ ପ୍ରିନ୍ସ ୱିଲିୟମ୍ ଏବଂ ତାଙ୍କ ପତ୍ନୀ କେଟ୍ ମିଡଲଟନ୍‌ଙ୍କ ଭାରତ ଗସ୍ତ ମଧ୍ୟ ମୁମ୍ବାଇର ପ୍ରସିଦ୍ଧ ଓଭାଲ୍ ଗ୍ରାଉଣ୍ଡରେ କ୍ରିକେଟ୍ ଖେଳ ସହିତ ଆରମ୍ଭ ହୋଇଥିଲା। ସେହି ସମୟରେ ଏହି ରାଜ ଦମ୍ପତି ସଚିନ୍ ତେନ୍ଦୁଲକର ଏବଂ ଦିଲୀପ ଭେଙ୍ଗସରକାରଙ୍କ ସହିତ ସ୍ଥାନୀୟ ଏନଜିଓର ପିଲାମାନଙ୍କ ସହିତ କ୍ରିକେଟ୍ ଉପଭୋଗ କରିଥିଲେ। ଏହି ପ୍ରଦର୍ଶନୀ ମ୍ୟାଚ୍‌ରେ ପ୍ରିନ୍ସ ୱିଲିୟମ୍ ସଚିନଙ୍କ ଧୀର ବଲ୍‌ରେ ଛକା ମାରିଥିଲେ। ଏହି ଗସ୍ତ ପରେ ସଚିନ୍ ରାଜ ଦମ୍ପତିଙ୍କ ଖେଳ ପ୍ରତି ସରଳତା ଏବଂ ପ୍ରେମକୁ ମଧ୍ୟ ଉଚ୍ଚ ପ୍ରଶଂସା କରିଥିଲେ।

ଟିମ୍ ଇଣ୍ଡିଆକୁ ଫେରିବେ ସୂର୍ଯ୍ୟକୁମାର !

ଘରୋଇ କ୍ରିକେଟ୍‌ରେ ଲଗାଇଲେ ଲଗାତାର ଦ୍ୱିତୀୟ ବିସ୍ଫୋରକ ଅର୍ଦ୍ଧଶତକ

ନୂଆଦିଲ୍ଲୀ



ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୬-୨୭ରେ ସୂର୍ଯ୍ୟକୁମାର ଯାଦବ ଲଗାତାର ଦ୍ୱିତୀୟ ଅର୍ଦ୍ଧଶତକ ହାସଲ କରି ସମସ୍ତଙ୍କୁ ଚକିତ କରାଇଛନ୍ତି। ବର୍ତ୍ତମାନ ସୂର୍ଯ୍ୟକୁମାର ମୁମ୍ବାଇ ଦଳର ଅଧିନାୟକତ୍ୱ ମଧ୍ୟ କରୁଛନ୍ତି। ସୟଦ ମୁସ୍ତାକ ଅଲି ଟ୍ରଫିରେ ଏପର୍ଯ୍ୟନ୍ତ ଖେଳିଥିବା ଉଭୟ ମ୍ୟାଚ୍‌ରେ ସେ ବିସ୍ଫୋରକ ଅର୍ଦ୍ଧଶତକ ଲଗାଇଛନ୍ତି। ଆଇପିଏଲ୍ ୨୦୨୬ ପରଠାରୁ ସୂର୍ଯ୍ୟକୁମାର କ୍ରିକେଟ୍‌ରୁ ଦୂରେଇ ରହିଥିଲେ। କେବଳ କିଛି ସ୍ଥାନୀୟ ଟୁର୍ଣ୍ଣାମେଣ୍ଟରେ ତାଙ୍କୁ ଖେଳୁଥିବାର ଦେଖିବାକୁ ମିଳିଥିଲା। ବର୍ତ୍ତମାନ ସେ ପଡ଼ିଆକୁ ଧମାକାଦାର ପ୍ରତ୍ୟାବର୍ତ୍ତନ କରି ନିଜର ଉଦ୍ଦେଶ୍ୟ ସ୍ପଷ୍ଟ କରିଛନ୍ତି।

ମୁମ୍ବାଇ ଏବଂ ଗୁଜରାଟ ମଧ୍ୟରେ ସୟଦ ମୁସ୍ତାକ ଅଲି ଟ୍ରଫି ୨୦୨୬-୨୭ର ମ୍ୟାଚ୍ ସୋମବାର କୋଲକାତାରେ ଖେଳାଯାଇଥିଲା। ଏହି ମୁକାବିଲାରେ ଗୁଜରାଟ ପ୍ରଥମେ ବ୍ୟାଟିଂ କରି ୧୯୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ମୁମ୍ବାଇକୁ ଆରମ୍ଭରୁ ହିଁ ପ୍ରଥମ ଝଟ୍‌କା ଲାଗିଥିଲା। କିନ୍ତୁ ଏହାପରେ ସୂର୍ଯ୍ୟକୁମାର ଯାଦବ ନିଜର ବ୍ୟାଟିଂ ମାଧ୍ୟମରେ ସମସ୍ତଙ୍କ ହୃଦୟ ଜିତି ନେଇଥିଲେ। ସେ ନିଜର ପୁରୁଣା ଅନ୍ଦାଜରେ ନଜର ଆସିଥିଲେ ଏବଂ ପଡ଼ିଆର ଚାରିଆଡ଼େ ସଟ୍ ଖେଳିଥିଲେ।

ସୂର୍ଯ୍ୟକୁମାର ୨୯ଟି ବଲ୍‌ରୁ ୮୨ ରନ୍‌ର ବିସ୍ଫୋରକ ଇନିଂସ ଖେଳିଥିଲେ। ନିଜର ଏହି ଇନିଂସରେ ସେ ୯ଟି ଚୌକା ଏବଂ ୭ଟି ଛକା ମାରିଥିଲେ। ତାଙ୍କୁ ରବି ବିଷ୍ଣୋଇ ଆଉଟ୍ କରିଥିଲେ। ଆଉଟ୍ ହେବା ପୂର୍ବରୁ ସୂର୍ଯ୍ୟକୁମାର ଯାଦବ ନିଜ ଦଳକୁ ବିଜୟର ଦ୍ୱାରଦେଶରେ ପହଞ୍ଚାଇ ଦେଇଥିଲେ। ସୂର୍ଯ୍ୟକୁମାର ୧୮ଟି ବଲ୍‌ରେ ନିଜର ଅର୍ଦ୍ଧଶତକ ପୂରଣ କରିଥିଲେ। ଗୁଜରାଟ ବୋଲରମାନେ ସୂର୍ଯ୍ୟକୁମାର ଆଗରେ ଅସହାୟ ନଜର ଆସିଥିଲେ। ସୂର୍ଯ୍ୟକୁମାରଙ୍କର ଏହି ଚମତ୍କାର ବ୍ୟାଟିଂ ପାଇଁ ଗୁଜରାଟକୁ ମୁମ୍ବାଇକୁ ସହଜରେ ପରାସ୍ତ କରିଛି।

ସୂର୍ଯ୍ୟକୁମାର ଯାଦବଙ୍କ ପାଇଁ ଏହି ପ୍ରଦର୍ଶନ ଅତ୍ୟନ୍ତ ମହତ୍ତ୍ୱ ରଖେ। କାରଣ ଏହି ପୂର୍ବତନ ଭାରତୀୟ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ୨୦୨୬ ମସିହାରେ ଟି୨୦ ବିଶ୍ୱକପ୍‌ର ଟାଇଟଲ୍ ଜିତିଥିଲା, କିନ୍ତୁ ଏହାପରେ ଖରାପ ଫର୍ମର କାରଣ ଦର୍ଶାଇ ତାଙ୍କୁ ଟିମ୍ ଇଣ୍ଡିଆରୁ ବାହାରର ରାସ୍ତା ଦେଖାଇ ଦିଆଯାଇ ଥିଲା। ଦଳରୁ ବାଦ୍ ପଡ଼ିବା ପରେ ସୂର୍ଯ୍ୟା ହାର୍ ମାନି ନଥିଲେ ଏବଂ ଘରୋଇ କ୍ରିକେଟ୍‌ରେ ନିଜର ଲୟ ଫେରିପାଇବା ପାଇଁ ଲାଗିପଡ଼ିଥିଲେ। ସୟଦ ମୁସ୍ତାକ ଅଲି ଟ୍ରଫିରେ ବର୍ତ୍ତମାନଯଂ ତାଙ୍କ ବ୍ୟାଟ୍ ନିଆଁ ବର୍ଷା କରୁଛି। ଗୁଜରାଟ ବିପକ୍ଷରେ ୮୨ ରନ୍‌ର ଇନିଂସ ଖେଳିବା ଠିକ୍ ପୂର୍ବରୁ ଶେଷ ମୁକାବିଲାରେ ମଧ୍ୟ ସେ ମାତ୍ର ୨୧ଟି ବଲ୍‌ରୁ ଅପରାଜିତ ୬୦ ରନ୍ ସଂଗ୍ରହ କରିଥିଲେ। ଲଗାତାର ଦୁଇଟି ମ୍ୟାଚ୍‌ରେ ଏଭଳି ବିସ୍ଫୋରକ ଇନିଂସ ଖେଳି ସୂର୍ଯ୍ୟକୁମାର ପ୍ରମାଣିତ କରିଦେଇଛନ୍ତି ଯେ ସେ ନିଜର ପୁରୁଣା ଫର୍ମକୁ ଫେରିଆସିଛନ୍ତି ଏବଂ ଖୁବ୍‌ଶୀଘ୍ର ଟିମ୍ ଇଣ୍ଡିଆକୁ ତାଙ୍କର ଧମାକାଦାର ପ୍ରତ୍ୟାବର୍ତ୍ତନ ହୋଇପାରେ।

ନିକଟରେ ସୂର୍ଯ୍ୟକୁମାର ଯାଦବ ଟିମ୍ ଇଣ୍ଡିଆରୁ ବାଦ୍ ପଡ଼ିବାକୁ ନେଇ ନିଜର କ୍ଷୋଭ ପ୍ରକାଶ କରିଥିଲେ। ସେ ସ୍ୱୀକାର କରିଥିଲେ ଯେ ଯେତେବେଳେ ତାଙ୍କୁ ଦଳରୁ ବାହାର କରାଗଲା, ସେତେବେଳେ ତାଙ୍କୁ ବହୁତ ଖରାପ ଲାଗିଥିଲା। କିନ୍ତୁ ସେ ନିରାଶ ହେବା ପରିବର୍ତ୍ତେ ନିଜର ଫିଟନେସ୍

32 YEARS
ସମ୍ବାଦ କଣିକା
ଭୁବନେଶ୍ୱର,୧୭ ନଭେମ୍ବର, ୨୦୨୬ ମଙ୍ଗଳବାର








ଚିକିଟି ବିଧାୟକଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ହେବା ପ୍ରସଙ୍ଗ

ଘଟଣାର ସତ୍ୟାସତ୍ୟ ଗଣମାଧ୍ୟମ ଲୋକଲୋଚନକୁ ଆଣୁ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କ ଆପତ୍ତିଜନକ ଭିଡିଓ ଭାଇରାଲ ପ୍ରସଙ୍ଗରେ ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଓ ବରିଷ୍ଠ ପତ୍ରକାର ମାନେ ଏହି ଘଟଣା ଉପରୁ ପରଦା ଉଠାନ୍ତୁ ବୋଲି ବିଜୁ ଜନତା ଦଳ ଆହ୍ୱାନ କରିଛି । ବିଜେଡି ତରଫରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତ୍ତିରେ ଦଳର ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି, ନିକଟରେ ରାଜ୍ୟର ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗଣମାଧ୍ୟମକୁ ଏକ ବାଇଟ ଦେଉଥିବା ସମୟରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାୟଙ୍କର ଏକ ଆପତ୍ତିଜନକ ଭିଡିଓ ଭାଇରାଲ ହେବା ପରେ ଏହାକୁ ନେଇ ରାଜ୍ୟବାସୀଙ୍କ ମନରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଥିଲା । ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଓ ଏହାର ବରିଷ୍ଠ ପ୍ରତିନିଧି ମାନଙ୍କ ଉପସ୍ଥିତିରେ ଏହି ଘଟଣା ଘଟିଥିଲା, ଯାହା ସେମାନଙ୍କ କ୍ୟାମେରାରେ ରେକର୍ଡ ହୋଇଥିଲା । ସ୍ପଷ୍ଟ ଦିବାଲୋକରେ ଘଟିଥିବା ଏହି ଘଟଣାକୁ ବିଧାୟକ ଶ୍ରୀ ଦ୍ୟାନ ସାମନ୍ତରାୟଙ୍କ ଧର୍ମ ପତ୍ନୀ ଏହାକୁ ବିଜେଡି ଏଆଇ ଦ୍ୱାରା ପ୍ରସ୍ତୁତ କରି ଭାଇରାଲ କରୁଛି ବୋଲି ଅଭିଯୋଗ କରି ଜିଲ୍ଲାର ଏସପିଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । କିନ୍ତୁ, ଏହି ଘଟଣା ଘଟିବାର ପାଞ୍ଚ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ ଦ୍ୱାରା ଏହାର ସତ୍ୟାସତ୍ୟ ନେଇ କୌଣସି ସୂଚନା ଦିଆଯାଇ ନାହିଁ । ବିଧାୟକଙ୍କ ପତ୍ନୀଙ୍କ ଏହି ଦାବି ଓ ପୋଲିସ ନିକଟକୁ ଦେଇଥିବା ଏହି ଚିଠି କେବଳ ଧର୍ମକୁ ଆଖିଠାର ସଦୃଶ୍ୟ ଓ ଏହା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦିଷ୍ଟ ।

ଡ ମହାନ୍ତି ଆହୁରି କହିଛନ୍ତି, ସୋମବାର ଜାତୀୟ ପ୍ରେସ ଦିବସ ପାଳିତ ହେଉଥିବା ବେଳେ ସତ୍ୟର ଉନ୍ମୋଚନ ପାଇଁ ଗଣମାଧ୍ୟମର ଗୁରୁତ୍ୱ ଉପରେ ଆଲୋଚନା ହେଉଛି । ଏହି ଅବସରରେ, ରାଜ୍ୟର ପ୍ରମୁଖ ଗଣମାଧ୍ୟମ ଓ ଏହାର ବରିଷ୍ଠ ସାମ୍ବାଦିକ ମାନଙ୍କ ସମ୍ମୁଖରେ ଘଟିଥିବା ଏହି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ କରିବାର ଗୁରୁଦାୟିତ୍ୱ ଗଣମାଧ୍ୟମ ଗ୍ରହଣ କରୁ, ଯାହା ଦ୍ୱାରା ରାଜ୍ୟବାସୀ ପ୍ରକୃତ ସତ୍ୟ ଉପରେ ଅବଗତ ହେବେ । ପ୍ରମୁଖ ଗଣମାଧ୍ୟମର କ୍ୟାମେରାରେ ରେକର୍ଡ ହୋଇ ରହିଥିବା ଘଟଣାକୁ ଏଆଇ ଦ୍ୱାରା ତିଆରି କରାଯାଇଛି ବୋଲି ମନ୍ତବ୍ୟ ଦେବା ଓ ପୋଲିସ ଅଧିକାରୀଙ୍କ ନିକଟକୁ ଚିଠି ଲେଖିବା କେବଳ ରାଜ୍ୟବାସୀଙ୍କୁ ଭ୍ରମିତ କରିବା ପାଇଁ ଉଦିଷ୍ଟ ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ସମର୍ପିତ ସେବା...

ବ୍ୟବସ୍ଥାର ଉଦାହରଣ ଦେଇଥିଲେ। ଭାରତର ସଭ୍ୟତାଗତ ଇତିହାସରେ ଗଣତନ୍ତ୍ରର ମୂଳଦୁଆ ଅତି ଗଭୀର ଭାବେ ବ୍ୟାପି ରହିଛି ବୋଲି ସେ କହିଥିଲେ । ଉପ ରାଷ୍ଟ୍ରପତି ଆହୁରି କହିଥିଲେ, ଭାରତ ଯଥାର୍ଥରେ 'ଗଣତନ୍ତ୍ରର ଜନନୀ' ହେବାର ଗୌରବ ହାସଲ କରିଛି । ଓଡ଼ିଶାର ବିଧାୟକମାନେ ଏହି ସମ୍ମାନଜନକ ପରମ୍ପରାକୁ ବଜାୟ ରଖିବା ନିମନ୍ତେ ସେ ଆହ୍ୱାନ କରିଥିଲେ । ନିର୍ବାଚନୀ ବିଜୟକୁ ଅର୍ଥପୂର୍ଣ୍ଣ ଜନସେବାରେ ପରିଣତ କରିବା ଉପରେ ଗୁରୁତ୍ୱାରୋପ କରି ଉପ-ରାଷ୍ଟ୍ରପତି କହିଥିଲେ, ''ଭୋଟ୍ ମାଧ୍ୟମରେ ଆମେ ନିର୍ବାଚନରେ ଜିତିଥାଉ, କିନ୍ତୁ କେବଳ ନିଜର ସେବା ମାଧ୍ୟମରେ ହିଁ ଆମେ ଲୋକଙ୍କ ସମ୍ମାନ ଅର୍ଜନ କରିପାରିବା।'' ବିଧାନସଭା କେବଳ ତର୍କ-ବିତର୍କର ଏକ ମଞ୍ଚ ନୁହେଁ; ଏଠାରେ ପ୍ରସ୍ତୁତ ପ୍ରତ୍ୟେକ ନୀତି, ଉପସ୍ଥାପିତ ପ୍ରଶ୍ନ ଏବଂ ପ୍ରଣୀତ ଆଇନରେ ଅଗଣିତ ନାଗରିକଙ୍କ ଜୀବନରେ ଉନ୍ନତି ଆଣିବାର କ୍ଷମତା ରହିଛି ବୋଲି ସେ କହିଥିଲେ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ପରିକଳ୍ପିତ 'ବିକଶିତ ଭାରତ ୨୦୪୭'ର ଲକ୍ଷ୍ୟ ସମ୍ପର୍କରେ ଉଲ୍ଲେଖ କରି ସେ କହିଥିଲେ, ଭାରତର ପ୍ରଗତିରେ ଓଡ଼ିଶାର ଉନ୍ନତି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ୨୦୩୬ ମସିହାରେ ଓଡ଼ିଶା ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ଗଠିତ ହେବାର ଶତବାର୍ଷିକୀ ପାଳନ କରିବାକୁ ଯାଉଥିବା ବେଳେ ରାଜ୍ୟକୁ ଏକ ବିକଶିତ, ସମୃଦ୍ଧ ଏବଂ ସମାବେଶୀ ରାଜ୍ୟରେ ପରିଣତ କରିବା ଦିଗରେ 'ଭିଜନ୍ ଓଡ଼ିଶା ୨୦୩୬' ସଂକଳ୍ପକୁ ସାକାର କରିବାର ଆବଶ୍ୟକତା ରହିଛି । ଯୁବବର୍ଗଙ୍କ ପାଇଁ ସୁଯୋଗ ସୃଷ୍ଟି କରିବା ଏବଂ ପ୍ରତ୍ୟେକ ଗାଁ ଓ ପରିବାର ନିକଟରେ ବିକାଶ ପହଞ୍ଚାଇବାରେ ଜନପ୍ରତିନିଧିମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇବେ ବୋଲି ଉପ ରାଷ୍ଟ୍ରପତି ଦୃଢ଼ ଭାବେ ଆଶା ପ୍ରକଟ କରିଥିଲେ ।

ବୈଧାନିକ କାର୍ଯ୍ୟରେ ବ୍ୟାଘାତ ସୃଷ୍ଟି ହେବା ପ୍ରସଙ୍ଗ ଉପରେ ଆଲୋକପାତ କରି ଉପ ରାଷ୍ଟ୍ରପତି କହିଥିଲେ, ଜନସାଧାରଣ ଓ ସମ୍ବିଧାନ ପ୍ରତି ରହିଥିବା ବୃହତ୍ତର ପ୍ରତିବଦ୍ଧତାର ମାର୍ଗରେ ମତଭେଦ କୌଣସି ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ । ଗଣତନ୍ତ୍ରରେ ଭିନ୍ନ ମତ ରହିବା ସ୍ୱାଭାବିକ, କିନ୍ତୁ ଆମ ସମସ୍ତଙ୍କର ଗୋଟିଏ ବିଷୟରେ ସହମତି ରହିବା ଉଚିତ୍ – ତାହା ହେଲା ଜନସାଧାରଣ ଓ ସମ୍ବିଧାନ ପ୍ରତି ଆମର ପ୍ରତିବଦ୍ଧତା। ବିତର୍କ, ଆଲୋଚନା କିମ୍ବା ବେଳେବେଳେ ସୃଷ୍ଟି ହେଉଥିବା ବ୍ୟାଘାତ ମଧ୍ୟ ଗୋଟିଏ ନିଷ୍ପତ୍ତିରେ ପହଞ୍ଚିବାରେ ସହାୟକ ହେବା ଉଚିତ୍ ବୋଲି ସେ କହିଥିଲେ । ଗଣତନ୍ତ୍ରକୁ ସୁଦୃଢ଼ କରିବା ଏବଂ ଜାତୀୟ ବିକାଶକୁ ଆଗକୁ ବଢ଼ାଇବା ପାଇଁ ସୁସ୍ଥ ବିତର୍କ ଓ ଗଠନମୂଳକ ସହଯୋଗ ଉପରେ ଉପ ରାଷ୍ଟ୍ରପତି ଗୁରୁତ୍ୱ ଦେଇଥିଲେ। ନିରନ୍ତର ପ୍ରଶିକ୍ଷଣ ଏବଂ ପ୍ରସ୍ତୁତିର ଆବଶ୍ୟକତା ଉପରେ ଆଲୋକପାତ କରି, ଉପରାଷ୍ଟ୍ରପତି ସଦସ୍ୟମାନଙ୍କୁ ବୈଧାନିକ ନିୟମ ଓ ପ୍ରକ୍ରିୟା, ବଜେଟ୍ ପ୍ରକ୍ରିୟା, କମିଟି ବ୍ୟବସ୍ଥା, ସଂସଦୀୟ ପରମ୍ପରା ଏବଂ ନୈତିକତା ସମ୍ପର୍କରେ ପ୍ରାଞ୍ଜଳ ଭାବେ ଅବଗତ ହେବାକୁ ପରାମର୍ଶ ଦେଇଥିଲେ। ଉପ ରାଷ୍ଟ୍ରପତି ପ୍ରଶ୍ନକାଳ ଓ ଶୂନ୍ୟକାଳର ଗୁରୁତ୍ୱ ଉପରେ ବିଶେଷ ଭାବରେ ଆଲୋକପାତ କରିଥିଲେ । ପ୍ରତ୍ୟେକ ସଦସ୍ୟମାନଙ୍କ ପାଇଁ ନିଜ ନିର୍ବାଚନମଣ୍ଡଳୀର ସମସ୍ୟା ଏବଂ ଗୁରୁତ୍ୱପୂର୍ଣ୍ଣ ନୀତିଗତ ପ୍ରସଙ୍ଗ ଉଠାଇବା ଲାଗି ଏଗୁଡ଼ିକୁ ମହତ୍ୱପୂର୍ଣ୍ଣ ସୁଯୋଗ ଭାବରେ ସେ ବର୍ଣ୍ଣନା କରିଥିଲେ। ଏହି ଗୁରୁତ୍ୱପୂର୍ଣ୍ଣ ସଂସଦୀୟ ଉପାଦାନଗୁଡ଼ିକ ଯେପରି ବିନା ବାଧାରେ କାର୍ଯ୍ୟ କରିବ ତାହା ନିଶ୍ଚିତ କରିବା ପାଇଁ ବାଚସ୍ପତିଙ୍କ ସହିତ ସହଯୋଗ କରିବାକୁ ସେ ସଦସ୍ୟମାନଙ୍କୁ ଅନୁରୋଧ କରିଥିଲେ। ଉପ ରାଷ୍ଟ୍ରପତି ସଦନର କାର୍ଯ୍ୟକ୍ରମ ସମ୍ବନ୍ଧରେ ସହମତି ଗଠନ କରିବାରେ କାର୍ଯ୍ୟ ପରିଚାଳନା ପରାମର୍ଶଦାତା କମିଟି (ବିଏସି)ର ଭୂମିକା ଉପରେ ମଧ୍ୟ ଗୁରୁତ୍ୱାରୋପ କରିଥିଲେ। ସେ ମତ ଦେଇଥିଲେ ଯେ, କମିଟି ମଧ୍ୟରେ ଅଧିକ ସହମତି ରହିଲେ ତାହା ବିଧାନ ସମ୍ବନ୍ଧୀୟ କାର୍ଯ୍ୟକ୍ରମକୁ ଅଧିକ ସୁଗମ ଏବଂ ଫଳପ୍ରଦ କରିବାରେ ସହାୟକ ହେବ । ବିଧାନସଭା କାର୍ଯ୍ୟରେ ପ୍ରଯୁକ୍ତିବିଦ୍ୟାର ବର୍ଦ୍ଧିତ ଭୂମିକା ଉପରେ ଆଲୋକପାତ କରି, ଉପ ରାଷ୍ଟ୍ରପତି ଜାତୀୟ ଇ-ବିଧାନ ଆପ୍ଲିକେସନ୍ ଅଧୀନରେ ଓଡ଼ିଶା ବିଧାନସଭାରେ ଡିଜିଟାଲ୍ ହାଉସ୍ ଉଦଘାଟନକୁ ସ୍ୱାଗତ କରିଥିଲେ। ସେହିପରି ରାଜ୍ୟସଭାରେ ଡିଜିଟାଲ୍ ପ୍ଲାଟଫର୍ମର ବର୍ଦ୍ଧିତ ବ୍ୟବହାର ବିଷୟରେ ଉଲ୍ଲେଖ କରି ସେ କହିଥିଲେ, ପ୍ରଯୁକ୍ତିବିଦ୍ୟା ସହାୟତାରେ ସଂସଦୀୟ କାଗଜପତ୍ର, ପ୍ରଶ୍ନ ଓ ବିତର୍କ ଏବେ ବହୁ ଭାଷାରେ ଉପଲବ୍ଧ। ସେ ବିଧାୟକମାନଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତି କରିବା ନିମନ୍ତେ ଏଆଇ ଏବଂ ନେଚୁରାଲ ଲାଙ୍ଗୁଏଜ୍ ପ୍ରୋସେସିଂ ସମେତ ଆଧୁନିକ ପ୍ରଯୁକ୍ତିବିଦ୍ୟାକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ଅଭିଭାଷଣ ଶେଷରେ ଉପ ରାଷ୍ଟ୍ରପତି ବିଧାୟକମାନଙ୍କୁ ସେମାନଙ୍କର ଦାୟିତ୍ୱ ଏବଂ ପରିବର୍ତ୍ତନକାରୀ ସମ୍ଭାବନା ବିଷୟରେ ସ୍ମରଣ କରାଇ ଦେଇଥିଲେ। ସେ କହିଥିଲେ, ଏକ ସୁଚିନ୍ତିତ ହସ୍ତକ୍ଷେପ ନୀତିରେ ପରିବର୍ତ୍ତନ ଆଣିପାରେ, ଅନ୍ୟପଟେ ଏକ ସମ୍ବେଦନଶୀଳ ନିଷ୍ପତ୍ତି ଅଗଣିତ ନାଗରିକଙ୍କ ଜୀବନରେ ଆଶା ଫେରାଇ ଆଣିପାରେ। ସପ୍ତଦଶ ଓଡ଼ିଶା ବିଧାନସଭାର ସମସ୍ତ ସଦସ୍ୟଙ୍କୁ ଏକ ଫଳପ୍ରଦ ଦିଗଦର୍ଶନ କାର୍ଯ୍ୟକ୍ରମ ଏବଂ ବିଧାନସଭାରେ ସେମାନଙ୍କର ଭବିଷ୍ୟତର କାର୍ଯ୍ୟକାଳ ପାଇଁ ଶୁଭକାମନା ଜଣାଇଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ରାଜ୍ୟପାଳ ବ୍ରଜ ମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ଉପ-ବାଚସ୍ପତି ଭବାନୀ ଶଙ୍କର ଭୋଇ ଏବଂ ବିଧାୟକମାନଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ।

ଆନ୍ଧ୍ର ଉପକୂଳ...

କରାଯାଇଛି। ସମ୍ଭାବ୍ୟ ବାତ୍ୟା ଆନ୍ଧ୍ର ଉପକୂଳ ମୁହାଁ ହୋଇଥିବା ବେଳେ ଓଡ଼ିଶାର ଅନେକ ଜିଲ୍ଲାରେ ଆସନ୍ତା ୧୯ ଓ ୨୦ ତାରିଖରେ ଘଣ୍ଟାପ୍ରତି ୫୦ରୁ ୬୦ କିଲୋମିଟର ବେଗରେ ପବନ ବହିବାର ସମ୍ଭାବନା ରହିଛି।

ଫିଲିପାଇନ୍ସରେ...

ମୋଦୀ ୧୭ ନଭେମ୍ବରରେ ଏହି ସମ୍ମିଳନୀରେ ସାମିଲ ହେବେ। ଏସିଆନ୍ ସମ୍ମିଳନୀ ଭାରତର 'ଆକ୍ଟ ଇଷ୍ଟ' ନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ, ଯାହା ଦକ୍ଷିଣ-ପୂର୍ବ ଏସୀୟ ଦେଶ ସହିତ ଭାରତର ସମ୍ପର୍କ ସୁଦୃଢ଼ କରିବା ଉପରେ କେନ୍ଦ୍ରିତ। ଏହି ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଆଞ୍ଚଳିକ ଓ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରିବେ, ଯାହା ଭାରତର ଅଂଶଗ୍ରହଣ ଓ ପ୍ରଭାବକୁ ବୃଦ୍ଧି କରିବ।

ବିଧାନସଭା ଅଧିବେଶନ...

ପ୍ରମୁଖ ପର୍ବପର୍ବାଣୀ ସମୟରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଦିଗରେ ସେ ଗୁରୁତ୍ୱାରୋପ କରିଥିଲେ। ଅପରାଧ ନିୟନ୍ତ୍ରଣ କ୍ଷେତ୍ରରେ କଠୋର ଆଭିମୁଖ୍ୟ ଗ୍ରହଣ କରି ମହିଳା ଓ ଶିଶୁଙ୍କ ବିରୋଧରେ ହେଉଥିବା ଅପରାଧ ତଥା ଜଘନ୍ୟ ଅପରାଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ଡିଜିପି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ 'ନିଶାମୁକ୍ତ ଓଡ଼ିଶା' ଅଭିଯାନକୁ ବ୍ୟାପକ କରିବା ସହ ନିଶା କାରବାର ବିରୋଧରେ ସ୍ୱତନ୍ତ୍ର ଡ୍ରାଇଭ୍, ସାଇବର ଅପରାଧ ଓ 'ଡିଜିଟାଲ୍ ଆରେଷ୍ଟ' ଭଳି ଠକେଇ ରୋକିବା ପାଇଁ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ଡିଜିପି ପରାମର୍ଶ ଦେଇଥିଲେ । ଉକ୍ତ ବୈଠକରେ ପୋଲିସ କମିଶନର (ଭୁବନେଶ୍ୱର-କଟକ) ଡଃ ଏସ ଦେବଦତ୍ତ ସିଂ, ଆଇଜିପି (କାର୍ମିକ) ଏସ. ପ୍ରବୀଣ କୁମାର, ଆଇଜିପି (କ୍ରାଇମବ୍ରାଞ୍ଚ) ଡଃ ସାର୍ଥକ ଷଡଙ୍ଗୀ, ଅତିରିକ୍ତ ପୋଲିସ କମିଶନର ଡଃ କନୱର ବିଶାଲ ସିଂ, ଏଆଇଜିପି (ମୁଖ୍ୟାଳୟ) ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏଆଇଜିପି (ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକଙ୍କ ସମେତ ରାଜ୍ୟର ସମସ୍ତ ରେଞ୍ଜ ଆଇଜି/ଡିଆଇଜି ଏବଂ ସମସ୍ତ ଜିଲ୍ଲାର ଏସ୍‌ପିମାନେ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବୈଠକରେ ଯୋଗଦେଇଥିଲେ।

ଭୂ-ସ୍ଖଳନ...

ଉପରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ସମସ୍ତ ଜିଲ୍ଲାପାଳଙ୍କୁ, ବିଶେଷକରି ଗଞ୍ଜାମ, ଗଜପତି, ପୁରୀ, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଭଳି ସମ୍ଭାବ୍ୟ ପ୍ରଭାବିତ ଜିଲ୍ଲାଗୁଡ଼ିକରେ ପ୍ରସ୍ତୁତିକୁ ଅଧିକ ତ୍ୱରାନ୍ୱିତ କରିବା ସହ ଜିଲ୍ଲା ଜରୁରୀକାଳୀନ ପରିଚାଳନା କେନ୍ଦ୍ରକୁ ୨୪ ଘଣ୍ଟିଆ ସକ୍ରିୟ ରଖିବା, ନୋଡାଲ ଅଧିକାରୀ ନିଯୁକ୍ତି ଓ ନିୟମିତ ସ୍ଥିତି ସମୀକ୍ଷା କରିବାକୁ ଗୁରୁତ୍ୱ ଦେଇଥିଲେ। ଭୂସ୍ଖଳନ ଜନିତ ବିପଦ ସମ୍ପ୍ରତି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଥିନିମନ୍ତେ ସମ୍ପୃକ୍ତ ସତର୍କତା ଅବଲମ୍ବନ କରିବା ନେଇ ମନ୍ତ୍ରୀ ଗୁରୁତ୍ୱାରୋପ କରିବା ସହ ପୂର୍ବରୁ ଚିହ୍ନଟ ବିପଦପ୍ରବଣ ସ୍ଥାନରୁ ଜନସାଧାରଣଙ୍କ ସ୍ଥାନାନ୍ତରଣ ତ୍ୱରାନ୍ୱିତ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ।

ଅମୃତ ଭାରତ ଷ୍ଟେସନ ଯୋଜନାରେ ମଞ୍ଜେଶ୍ୱର ରେଳ ଷ୍ଟେସନର ପୁନର୍ବିକାଶ

ଆଧୁନିକ ଯାତ୍ରୀ ସୁବିଧା ସହ ଷ୍ଟେସନକୁ ମିଳିଛି ନୂତନ ରୂପ




ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଓଡ଼ିଶାର ମଞ୍ଜେଶ୍ୱର ରେଳ ଷ୍ଟେସନକୁ ଅମୃତ ଭାରତ ଷ୍ଟେସନ ଯୋଜନା ଅଧୀନରେ ନୂତନ ରୂପ ପ୍ରଦାନ କରାଯାଇଛି । ରେଳ ଷ୍ଟେସନଗୁଡ଼ିକୁ ଆଧୁନିକ, ଯାତ୍ରୀ ଅନୁକୂଳ ଏବଂ ଭବିଷ୍ୟତର ଆବଶ୍ୟକତା ଅନୁରୂପ ବିକଶିତ କରିବା ନିମନ୍ତେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରିକଳ୍ପନାକୁ ଏହି ପୁନର୍ବିକାଶ ପ୍ରତିଫଳିତ କରୁଛି। ପ୍ରାୟ ୧୫.୪୯ କୋଟି ଟଙ୍କା ବ୍ୟୟ ଅଟକଳରେ ପୁନର୍ବିକଶିତ ଏହି ଷ୍ଟେସନରେ ଯାତ୍ରୀମାନଙ୍କ ସୁବିଧା, ଆରାମ ଓ ସହଜ ଯାତାୟାତ ପାଇଁ ବିଭିନ୍ନ ଉନ୍ନତ ସୁବିଧା ଉପଲବ୍ଧ କରାଯାଇଛି। ଯାତ୍ରୀମାନଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଷ୍ଟେସନର ଭିତ୍ତିଭୂମିରେ ଉନ୍ନତି ଅଣାଯାଇଛି। ଷ୍ଟେସନରେ ୭୬୦ ବର୍ଗ ମିଟର ପରିମିତ ଏକ ନୂତନ ଷ୍ଟେସନ ଭବନ ନିର୍ମାଣ କରାଯାଇଥିବାବେଳେ ୪,୪୪୯ ବର୍ଗ ମିଟର ପରିମିତ ଅଞ୍ଚଳରେ ସର୍କୁଲେଟିଂ ଏରିଆର ଉନ୍ନତିକରଣ କରାଯାଇଛି। ଏଥିସହିତ ଯାନବାହନ ଚଳାଚଳକୁ ସୁଗମ କରିବା ଏବଂ ଷ୍ଟେସନକୁ ଯାତ୍ରୀମାନଙ୍କ ସହଜ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ଆପ୍ରୋଚ୍ ରୋଡ୍ ଓ ପାର୍କିଂ ବ୍ୟବସ୍ଥାର ମଧ୍ୟ ବିକାଶ କରାଯାଇଛି। ଷ୍ଟେସନର ପ୍ରମୁଖ ଉନ୍ନତିକରଣ କାର୍ଯ୍ୟ ମଧ୍ୟରେ ପ୍ରାୟ ୨୦,୭୦୦ ବର୍ଗ ମିଟର ପରିମିତ ପ୍ଲାଟଫର୍ମର ନୂତନ ଫ୍ଲୋରିଂ ଏବଂ ୪୫ଟି ବେ ସମ୍ବଳିତ ପ୍ଲାଟଫର୍ମ ସେଲ୍ଟର ନିର୍ମାଣ ଅନ୍ତର୍ଭୁକ୍ତ। ଏହା ଯାତ୍ରୀମାନଙ୍କୁ ଖରା ଓ ବର୍ଷାରୁ ସୁରକ୍ଷା ସହିତ ଅଧିକ ସୁବିଧା ପ୍ରଦାନ କରିବ। ଏଥିସହିତ ନୂତନ ଷ୍ଟେସନ ଭବନକୁ ସଂଯୋଗ କରୁଥିବା ସ୍କାଏୱାକ୍ ସମେତ ଆଧୁନିକ ଫୁଟ୍ ଓଭର ବ୍ରିଜ୍ ନିର୍ମାଣ କାର୍ଯ୍ୟ ହାତକୁ ନିଆଯାଇଛି, ଯାହା ଷ୍ଟେସନ ମଧ୍ୟରେ ଯାତ୍ରୀଙ୍କ ଯାତାୟାତକୁ ସୁଗମ କରିବ। ଯାତ୍ରୀ ସୁବିଧାକୁ ଆହୁରି ବୃଦ୍ଧି କରିବା ପାଇଁ ୧୨୦ ବର୍ଗ ମିଟର ପରିମିତ ଏକ ପ୍ରତୀକ୍ଷାଳୟ, ୧୧୮ ବର୍ଗ ମିଟର ପରିମିତ ଆଧୁନିକ ଶୌଚାଳୟ, ଏକ ନୂତନ ଯାତ୍ରୀ ସଂରକ୍ଷଣ ବ୍ୟବସ୍ଥା କାଉଣ୍ଟର ଏବଂ ଉନ୍ନତ କନକୋର୍ସ ଅଞ୍ଚଳ ବିକଶିତ କରାଯାଇଛି। ଦିବ୍ୟାଙ୍ଗଜନ ଏବଂ ବରିଷ୍ଠ ନାଗରିକଙ୍କ ସୁବିଧା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଇଛି। ଷ୍ଟେସନରେ ମାନକ ରାମ୍ପ, ସ୍ୱତନ୍ତ୍ର ପାର୍କିଂ ବ୍ୟବସ୍ଥା, ନିମ୍ନ ଉଚ୍ଚତା ବିଶିଷ୍ଟ ଟିକେଟ୍ କାଉଣ୍ଟର, ସହାୟତା କେନ୍ଦ୍ର, ଦିବ୍ୟାଙ୍ଗଜନ ଅନୁକୂଳ ଶୌଚାଳୟ ଓ ଜଳ କେନ୍ଦ୍ର, ଟାକ୍ଟାଇଲ୍ ପାଥୱେ, ସୁଗମ ଯାତାୟାତ ମାର୍ଗ, ଉନ୍ନତ ଆଲୋକୀକରଣ ଏବଂ ଖସି ନ ଯିବା ଭଳି ସ୍ୱତନ୍ତ୍ର ଚଟାଣ ବ୍ୟବସ୍ଥା କରାଯାଇଛି। ଯାତ୍ରୀମାନଙ୍କୁ ଉନ୍ନତ ସୂଚନା ଓ ମାର୍ଗଦର୍ଶନ ପ୍ରଦାନ ପାଇଁ ଷ୍ଟେସନରେ ଉନ୍ନତ ସାଇନେଜ୍, କୋଚ୍ ଓ ଟ୍ରେନ୍ ସୂଚନା ବୋର୍ଡ ଏବଂ ଉନ୍ନତ ଆଲୋକୀକରଣ ବ୍ୟବସ୍ଥା କରାଯାଇଛି। ଏହାବ୍ୟତୀତ ମୋବାଇଲ୍ ଓ ଲାପଟପ୍ ଚାର୍ଜିଂ ପଏଣ୍ଟ, ପ୍ଲାଟଫର୍ମରେ ପଙ୍ଖା, ଡଷ୍ଟବିନ୍, ଜଳ ଟ୍ୟାପ୍, ୱାଟର କୁଲର ଏବଂ ଆର.ଓ. ସୁବିଧା ମଧ୍ୟ ଉପଲବ୍ଧ କରାଯାଇଛି। ଷ୍ଟେସନର ଉନ୍ନତ ଭିତ୍ତିଭୂମି ଯାତ୍ରୀମାନଙ୍କ ସୁବିଧା ବୃଦ୍ଧି କରିବା ସହିତ ଭୁବନେଶ୍ୱର ଅଞ୍ଚଳର ବର୍ଦ୍ଧିତ ପରିବହନ ଆବଶ୍ୟକତା ପୂରଣରେ ମଞ୍ଜେଶ୍ୱର ରେଳ ଷ୍ଟେସନର ଭୂମିକାକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା କରାଯାଉଛି। ଅମୃତ ଭାରତ ଷ୍ଟେସନ ଯୋଜନା ମାଧ୍ୟମରେ ଭାରତୀୟ ରେଳବାଇ ବିଭିନ୍ନ ରେଳ ଷ୍ଟେସନକୁ ଆଧୁନିକ ସୁବିଧା ଓ ଉନ୍ନତ ଯାତ୍ରୀ ସେବା ସହିତ ନୂତନ ରୂପ ପ୍ରଦାନ କର

ଶ୍ରୀକ୍ଷେତ୍ର ବାର୍ତ୍ତା

ଭୁବନେଶ୍ୱର, ୧୭ ନଭେମ୍ବର, ମଙ୍ଗଳବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27

ଚଳଚଞ୍ଚଳ ଧବଳେଶ୍ୱର ପୀଠ : ଧାଡ଼ି ଦର୍ଶନ କଲେ ଶ୍ରଦ୍ଧାଳୁ



ଭୁବନେଶ୍ୱର, ୧୬/୧୧ ନ୍ୟୁଜ ବ୍ୟୁରୋ

ମହାକାର୍ତ୍ତିକ ମାସର ତୃତୀୟ ସୋମବାରରେ ଚଳଚଞ୍ଚଳ ହୋଇଥିଲା ଆଠଗଡ଼ର ପ୍ରସିଦ୍ଧ ବାବା ଧବଳେଶ୍ୱର ପୀଠ। ବଡ଼ସିଂହାର ବେଶରେ ଦର୍ଶନ ଦେଇଥିଲେ ବାବା ଧବଳେଶ୍ୱର। ଭୋର୍ ୪ ଟାରୁ ବାବାଙ୍କୁ ସ୍ନାନ କରାଯାଇ ସମସ୍ତ ନୀତି ସମାପନ ପରେ ସାଧାରଣ ଦର୍ଶନ ପାଇଁ ଦ୍ୱାର ଫିଟା ଯାଇଥିଲା । ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ଧାଡ଼ି ଦର୍ଶନ ବ୍ୟବସ୍ଥା କରାଯାଇଛି । ଶିବଶଙ୍କରଙ୍କ ଅତି ପ୍ରିୟ ବାର୍ ସୋମବାର ସହିତ ସଂକ୍ରାନ୍ତି ପଡୁଥିବାରୁ ବାବା ଧବଳେଶ୍ୱରଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ ବୋଲି ଧାର୍ମିକ ବିଶ୍ୱାସ ରହିଛି। ପୂଜକ ସମିତି ପକ୍ଷରୁ ଭୋର୍ ୪ଟାରୁ ଦ୍ୱାର ଫିଟାଯାଇ ୧୦୮ଗରା ସୁବାସିତ ଜଳରେ ବାବାଙ୍କୁ ସ୍ନାନ କରାଯାଇ ସମସ୍ତ ନୀତି ସମାପନ ପରେ ସାଧାରଣ ଦର୍ଶନ ପାଇଁ ଦ୍ୱାର ଫିଟା ଯାଇଥିଲା। ଶୃଙ୍ଖଳିତ ଦର୍ଶନ ନିମନ୍ତେ ପ୍ରଶାସନ ପକ୍ଷରୁ ଧାଡି ଦର୍ଶନର ବ୍ୟବସ୍ଥା ସହିତ କଂକ୍ରିଟ ସେତୁରେ ଭିଡ ରୋକିବା ପାଇଁ ବ୍ୟାପକ ପୁଲିସ ମୁତୟନ କରାଯାଇଥିଲା।

ପଞ୍ଚୁକରେ ହେବନି ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ : ଦ୍ୱାଦଶୀ ତିଥି କ୍ଷୟ

ପୁରୀ ୧୬।୧୧ ନ୍ୟୁଜ ବ୍ୟୁରୋ

କାର୍ତ୍ତିକ ମାସ ହେଉଛି ବଡ଼ ପବିତ୍ରତାର ମାସ । କାର୍ତ୍ତିକ ମାସର ଶେଷ ପାଞ୍ଚଦିନକୁ ପଞ୍ଚୁକ କୁହାଯାଏ। ପଞ୍ଚୁକ ଭକ୍ତଙ୍କ ପାଇଁ ମହାପର୍ବ । ତେବେ କାର୍ତ୍ତିକ ମାସ ସରିବାକୁ ଆଉ କିଛି ଦିନ ବାକି ଅଛି । ସାରା ଓଡ଼ିଶା ଏବେ ପଞ୍ଚୁକ ଆଉ କାର୍ତ୍ତିକ ପୂର୍ଣ୍ଣିମା ପାଇଁ ପ୍ରସ୍ତୁତ ହେଉଛି । ହେଲେ ଏହା ପୂର୍ବରୁ ପଞ୍ଚୁକକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଚଳିତବର୍ଷ ପଞ୍ଚୁକ ୫ ଦିନ ନୁହେଁ ବରଂ ୪ ଦିନ ଅନୁଷ୍ଠିତ ହେବ। କାରଣ ତିଥିରେ କ୍ଷୟ ପଡୁଛି । ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଏବଂ ବରିଷ୍ଠ ସେବାୟତଙ୍କ ମତରେ, ଆସନ୍ତା ୨୪ ତାରିଖରେ କାର୍ତ୍ତିକ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ପୂର୍ଣ୍ଣିମା ପୂର୍ବରୁ ପଞ୍ଚୁକ ପାଳନ କରାଯାଉଥିବା ବେଳେ ସାଧାରଣତଃ ଏକାଦଶୀରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏହି ୫ ଦିନକୁ ପଞ୍ଚୁକ କୁହାଯାଏ । ହେଲେ ଚଳିତଥର ଦ୍ୱାଦଶୀ ତିଥି କ୍ଷୟ



ଯାଇଛି। ଅର୍ଥାତ୍ ଏକାଦଶୀ ପରେ ସିଧା ତ୍ରୟୋଦଶୀ ପଡ଼ିବ । ସେଥିପାଇଁ ପଞ୍ଚୁକ ୪ ଦିନ ପଡୁଛି । ଦ୍ୱାଦଶୀ ତିଥି କ୍ଷୟ ହୋଇଥିବାରୁ ଚଳିତ ବର୍ଷ ମହାପ୍ରଭୁଙ୍କ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବନାହିଁ। ଯାହାକୁ ନେଇ ଭକ୍ତଙ୍କ ମଧ୍ୟରେ ଟିକେ ନିରାଶା ଦେଖାଦେଇଛି । କାରଣ ପଞ୍ଚୁକର ପ୍ରତ୍ୟେକ ଦିନରେ ମହାପ୍ରଭୁ ଅଲଗା ଅଲଗା ବେଶରେ ଦର୍ଶନ ଦିଅନ୍ତି। ଦ୍ୱାଦଶୀ ଦିନ ହେଉଥିବା ବାଙ୍କଚୂଡ଼ା ବେଶ ଭକ୍ତଙ୍କ ବେଶ୍ ପ୍ରିୟ । ସେପଟେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସ୍ପଷ୍ଟ କରାଯାଇଛି ଯେ, ପଞ୍ଜାଙ୍ଗ ଅନୁସାରେ ହିଁ ନୀତି ହେବ। ଦ୍ୱାଦଶୀ କ୍ଷୟ ଯାଇଥିବାରୁ ବାଙ୍କଚୂଡ଼ା ବେଶ ହେବ ନାହିଁ । ଏଣୁ ଏଥିରେ କୌଣସି ଦ୍ୱନ୍ଦ୍ୱ ନାହିଁ । ମହାପ୍ରଭୁଙ୍କର ଆସନ୍ତା ୨୧ରେ ଲକ୍ଷ୍ମୀନାରାୟଣ ବେଶ, ୨୨ରେ ଡାଲିକିଆ ବା ତ୍ରିବିକ୍ରମ ବେଶ, ୨୩ରେ ଲକ୍ଷ୍ମୀନୃସିଂହ ବେଶ ଓ ୨୪ରେ ରାଜାଧିରାଜ ବେଶ ଅନୁଷ୍ଠିତ ହେବ । ଦ୍ୱାଦଶୀ ତିଥି କ୍ଷୟ ଯାଇଥିବାରୁ ବାଙ୍କଚୂଡ଼ା ବେଶ ଅନୁଷ୍ଠିତ ହେବନାହିଁ। ଏଣୁ ଏହାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲା, ପୋଲିସ ଓ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ପଞ୍ଚୁକ ପାଇଁ ସୁରକ୍ଷା ଦାୟିତ୍ୱରେ ୫୦ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହେବେ । ଭକ୍ତମାନଙ୍କ ପାଇଁ ମାର୍କେଟ ଛକ ଠାରୁ ବ୍ୟାରିକେଡ୍ ବ୍ୟବସ୍ଥା କରାଯାଇଛି । ଶ୍ରୀମନ୍ଦିର ସିଂହଦ୍ୱାର ଦେଇ ପ୍ରବେଶ ସହ ଅନ୍ୟ ତିନି ଦ୍ୱାରରେ ପ୍ରସ୍ଥାନ ବ୍ୟବସ୍ଥା ହେବ । ଶ୍ରୀମନ୍ଦିର ଭିତରେ ଭିଡ଼ ନିୟନ୍ତ୍ରଣ ପାଇଁ କ୍ଲିୟରାନ୍ସ ଟିମ୍ ନିୟୋଜିତ ହେବେ ।

କିମ୍ସରେ ଜଟିଳ ଅସ୍ତ୍ରୋପଚାର

ନୂଆ ଜୀବନ ପାଇଲା ୪ ମାସର ଶିଶୁକନ୍ୟା

ଭୁବନେଶ୍ୱର, ୧୬/୧୧ ନ୍ୟୁଜ ବ୍ୟୁରୋ

ଗଳା ଭିତରେ ଜିଭ ପାଇଁ ନଥିଲା ଆବଶ୍ୟକ ସ୍ଥାନ । ଜନ୍ମରୁ ଶିଶୁଟିର ତଳ ଜହ୍ନା ହାଡ଼ ଠିକ୍ ଭାବେ ବିକଶିତ ହୋଇନଥିଲା। ଫଳରେ ଏହା ଶ୍ୱାସନଳୀର ଅଧିକାଂଶ ଅଂଶକୁ ଅବରୋଧ କରୁଥିଲା। ଏଥିଯୋଗୁଁ ଶିଶୁଟିର ନିଃଶ୍ୱାସ ନେବା ଅତ୍ୟନ୍ତ କଷ୍ଟକର ହୋଇପଡ଼ିଥିଲା। ଏଥିସହିତ ତା'ର ତାଲୁ ମଧ୍ୟ ଫାଟି ରହିଥିଲା। ଡାକ୍ତରୀ ଭାଷାରେ ଏହି ବିରଳ ଜନ୍ମଗତ ତ୍ରୁଟିକୁ 'ପିଏର ରବିନ୍ ସିଣ୍ଡ୍ରୋମ୍' କୁହାଯାଏ। ଏଭଳି ଅବସ୍ଥାରେ ଶିଶୁଟିକୁ ଅନେକ ହସ୍‌ପିଟାଲକୁ ନିଆଯାଇଥିଲେ ମଧ୍ୟ କୌଣସି ସଫଳ ମିଳିନଥିଲା। ଶେଷରେ ତାକୁ ଭୁବନେଶ୍ୱର କିମ୍ସରେ ଭର୍ତ୍ତି କରାଯାଇଥିଲା । ଶିଶୁର ଅବସ୍ଥା ଗୁରୁତର ଥିବାରୁ ତାକୁ ଭେଣ୍ଟିଲେଟର ସହାୟତାରେ ରଖାଯାଇଥିଲା। ଦୀର୍ଘ ସମୟ ଧରି ଶ୍ୱାସକ୍ରିୟା ଆବଶ୍ୟକ ହେବ ବୋଲି ଡାକ୍ତରମାନେ ଆଶଙ୍କା କରି ଟ୍ରାକିଓଷ୍ଟୋମି ଅସ୍ତ୍ରୋପଚାର କରିଥିଲେ। ଏହାଦ୍ୱାରା ଶ୍ୱାସନଳୀକୁ ଏକ ବିକଳ୍ପ ପଥ ମିଳିଥିଲା। ଏହା କେବଳ ସାମୟିକ ସମାଧାନ ଥିଲା। ତଳ ମାଡ଼ି ହାଡ଼ର ଅପର୍ଯ୍ୟାପ୍ତ ବିକାଶ ଯୋଗୁଁ ଜିଭ ପାଇଁ ଆବଶ୍ୟକ ସ୍ଥାନ ନଥିବା ଏବଂ ଶ୍ୱାସପଥ ସଙ୍କୁଚିତ ରହିବାରୁ ମୂଳ ସମସ୍ୟା ଦୂର ହୋଇନଥିଲା। ଏଭଳି ଜଟିଳ ପରିସ୍ଥିତିରେ କିମ୍ସ ଡାକ୍ତରମାନେ



ଏଭଳି ବିରଳ ଅସ୍ତ୍ରୋପଚାର କରିଥିଲେ। କିମ୍ସର ପ୍ଲାଷ୍ଟିକ୍ ସର୍ଜରୀ ବିଭାଗର ପ୍ରଫେସର ସୁନୀଲ କୁମାର ରାଉତ ଏବଂ ତାଙ୍କ ଟିମ୍ ଏହି ଜଟିଳ ଅସ୍ତ୍ରୋପଚାର କରିଥିବା ବେଳେ ପ୍ରଫେସର ଅମିତ ପ୍ରଧାନ ନିଶ୍ଚେତକ ବିଭାଗ ପକ୍ଷରୁ ସହଯୋଗ କରିଥିଲେ। ପରବର୍ତ୍ତୀ ୧୫ ଦିନ ମଧ୍ୟରେ ଶିଶୁଟିର ତଳ ମାଡ଼ି ହାଡ଼କୁ ଧୀରେ ଧୀରେ ଏକ ସେଣ୍ଟିମିଟର ଆଗକୁ ବଢ଼ାଯାଇଥିଲା। ଫଳରେ ଜିଭ ପାଇଁ ଆବଶ୍ୟକ ସ୍ଥାନ ସୃଷ୍ଟି ହେବା ସହ ଉପର ଶ୍ୱାସପଥ ଖୋଲିଯାଇଥିଲା। ଏହାଦ୍ୱାରା ଶିଶୁଟିର ଶ୍ୱାସକ୍ରିୟା ଜନିତ ସମସ୍ୟା ଯଥେଷ୍ଟ ହ୍ରାସ ପାଇଥିଲା। ଶିଶୁଟି ସ୍ୱାଭାବିକ ଭାବେ ନିଃଶ୍ୱାସ ନେବାକୁ ସକ୍ଷମ ହେବା ପରେ କିମ୍ସର ଇଏନ୍‌ଟି ବିଭାଗର ଡାକ୍ତର ସତ୍ୟଞ୍ଜୟ ଟ୍ରାକିଓଷ୍ଟୋମି ଟ୍ୟୁବ୍‌କୁ ବନ୍ଦ କରିଥିଲେ। ସମଗ୍ର ଚିକିତ୍ସା ପ୍ରକ୍ରିୟାକୁ ପ୍ରଫେସର ସେବାରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱାଧୀନ ଶିଶୁରୋଗ ବିଶେଷଜ୍ଞଙ୍କ ଟିମ୍ ତଦାରଖ କରିଥିଲେ। ଶିଶୁକନ୍ୟାର ପିତା ବିଦୁର ମେହେର ସମସ୍ତ ଆଶା ଛାଡ଼ିଦେଇଥିଲେ ମଧ୍ୟ ଶେଷରେ କିମ୍ସ ବିଷୟରେ ଶୁଣି ଏଠାକୁ ଆସିଥିଲେ। ଅସ୍ତ୍ରୋପଚାର ପରେ ଏବେ ଆମ ଝିଅ ସୁସ୍ଥ ଅଛି ବୋଲି ସେ କହିଛନ୍ତି। ପିଏର ରବିନ୍ ସିଣ୍ଡ୍ରୋମ୍ ଏକ ଜଟିଳ ଜନ୍ମଗତ ସମସ୍ୟା। ଏହାର ଚିକିତ୍ସା ପାଇଁ ଶିଶୁରୋଗ, ପ୍ଲାଷ୍ଟିକ୍ ସର୍ଜରୀ, ନିଶ୍ଚେତକ ଓ ଇଏନ୍‌ଟି ବିଭାଗର ବିଶେଷଜ୍ଞମାନଙ୍କ ମଧ୍ୟରେ ସମନ୍ୱୟ ଅତ୍ୟନ୍ତ ଜରୁରୀ। ବିଶେଷକରି ମାଣ୍ଡିବୁଲାର ଡିଷ୍ଟ୍ରାକ୍ସନ୍ ଏକ ଅତ୍ୟନ୍ତ ଜଟିଳ ଶଲ୍ୟଚିକିତ୍ସା ପଦ୍ଧତି ହୋଇଥିବାରୁ ଏଥିପାଇଁ କ୍ରାନିଓଫେସିଆଲ୍ ସର୍ଜରୀରେ ବିଶେଷ ଅଭିଜ୍ଞତା ଓ ଦକ୍ଷତା ଆବଶ୍ୟକ ବୋଲି କିମ୍ସର ଶିଶୁରୋଗ ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ଏହି ସଫଳତା ପାଇଁ କିଟ୍, କିସ୍ ଓ କିମ୍ସ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସଂପୃକ୍ତ ଡାକ୍ତରଙ୍କୁ ଧନ୍ୟବାଦ ଜଣାଇବା ସହ ଶିଶୁର ଆରୋଗ୍ୟ କାମନା କରିଛନ୍ତି।

'ମାଣ୍ଡିବୁଲାର ଡିଷ୍ଟ୍ରାକ୍ସନ୍' ନାମକ ଏକ ବିଶେଷ ଅସ୍ତ୍ରୋପଚାର କରିବାକୁ ନିଷ୍ପତ୍ତି ନେଇଥିଲେ। ଏହି ପଦ୍ଧତିରେ ତଳ ମାଡ଼ି ହାଡ଼କୁ ଧୀରେ ଧୀରେ ଆଗକୁ ବଢ଼ାଯାଇ ଜିଭ ପାଇଁ ଅଧିକ ସ୍ଥାନ ସୃଷ୍ଟି କରାଯାଏ । ଫଳରେ ଶ୍ୱାସପଥ ଖୋଲିବା ସହ ଶ୍ୱାସକ୍ରିୟା ସ୍ୱାଭାବିକ ହୋଇଥାଏ। ମାତ୍ର ୪ ମାସର ଶିଶୁଠାରେ କିମ୍ସ ଡାକ୍ତରମାନେ

ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ

ତାରିଖ :-୧୬/୧୧/୨୦୨୬
୬,୨୩,୬୧୫/-ଟଙ୍କା
ସୁନା:- ୦୬ ଗ୍ରାମ୍ ୦୭୦ମିଲିଗ୍ରାମ
ରୂପା:- ୬୪ ଗ୍ରାମ୍ ୭୦୦ମିଲିଗ୍ରାମ

ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ

ଗଣତନ୍ତ୍ରକୁ ସୁଦୃଢ଼ କରିବାରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର,୧୬/୧୧ ନ୍ୟୁଜ ବ୍ୟୁରୋ

ଗଣତନ୍ତ୍ରକୁ ସୁଦୃଢ଼ କରିବା ସହ ଉତ୍ତମ ନାଗରିକ ସଂସ୍କୃତି ନିର୍ମାଣରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଗଣମାଧ୍ୟମ କେବଳ ପାଠକବୃନ୍ଦି ପଛରେ ନ ଧାଇଁ ନିରପେକ୍ଷ, ସତ୍ୟ ଓ ନିର୍ଭୀକ ଖବର ପ୍ରସାରଣ କରି ନିଜର ନୈତିକ ଦାୟିତ୍ୱ ନିର୍ବାହ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଲୋକପ୍ରିୟତା ଅର୍ଜନ ପାଇଁ ଅନେକ ସମୟରେ ଭ୍ରମାତ୍ମକ ଖବର ପ୍ରସାରିତ ହେଉଥିବାରୁ ପ୍ରେସ୍‌ର ବିଶ୍ୱସନୀୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି । ସାମାଜିକ ଗଣମାଧ୍ୟମର ଶସ୍ତା ଲୋକପ୍ରିୟତା ପଛରେ ନ ଧାଇଁ ଦାୟିତ୍ୱସଂପନ୍ନ ଗଣମାଧ୍ୟମ ପ୍ରତିନିଧି ପ୍ରତ୍ୟେକ ଖବରର ସତ୍ୟତା ଯାଞ୍ଚ କରି ଲୋକଲୋଚନକୁ ଆଣିବା ବିଧେୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି। ସୋମବାର ସୂଚନା ଓ ଲୋକସଂପର୍କ ବିଭାଗ ସନ୍ମିଳନୀ କକ୍ଷରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରାକ୍ତନ ପ୍ରଧାନ ମୁଖ୍ୟ ଆୟକର ଆୟୁକ୍ତ ମନୋରଞ୍ଜନ ପାଣିଗ୍ରାହୀ କହିଲେ ଯେ ସାମ୍ବାଦିକ ଦାୟିତ୍ୱବାନ ହୋଇ ନିଜର କର୍ତ୍ତବ୍ୟ ପାଳନ



କରିବାର ଆବଶ୍ୟକତା ରହିଛି । ସବୁ ସମୟରେ ନିଜକୁ ନିୟନ୍ତ୍ରିତ ଓ କଠୋର ଅନୁଶାସନ ମଧ୍ୟରେ ଜଣେ ଗଣମାଧ୍ୟମ ପ୍ରତିନିଧି କାର୍ଯ୍ୟ କଲେ ଏହାର ପ୍ରଭାବ ଚିରସ୍ଥାୟୀ ରହିଥାଏ ବୋଲି ସେ ମତ ପ୍ରକାଶ କରିବା ସହ ଦେଶ ଓ ଜାତି ନିର୍ମାଣରେ ଗଣମାଧ୍ୟମର ଭୂମିକାକୁ ପ୍ରଶଂସା କରିଥିଲେ । ପ୍ରେସ୍ କାଉନ୍‌ସିଲ୍ ଅଫ୍ ଇଣ୍ଡିଆ ପକ୍ଷରୁ ପ୍ରଦତ୍ତ ଚଳିତ ବର୍ଷର ଶୀର୍ଷକ 'ସାମ୍ବାଦିକତା: ଲୋକପ୍ରିୟତା ବନାମ କର୍ତ୍ତବ୍ୟବୋଧ' ଉପରେ ଆଲୋକପାତ କରି ସେ କାମଳ ସାମ୍ବାଦିକତାରୁ ଊର୍ଦ୍ଧ୍ୱକୁ ଯାଇ ସାମ୍ବାଦିକମାନେ ସାମାଜିକ ପ୍ରତିବଦ୍ଧତା ବଜାୟ ରଖିବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ପତ୍ର ସୂଚନା କାର୍ଯ୍ୟାଳୟର ଅତିରିକ୍ତ ମହାନିର୍ଦ୍ଦେଶକ ଅଖିଳ କୁମାର ମିଶ୍ର କହିଲେ ଯେ ଖବର ପ୍ରସାରଣ ପୂର୍ବରୁ ଏହାର ସତ୍ୟତା ଯାଞ୍ଚ କରିବା ଏବଂ ସମ୍ବେଦନଶୀଳ ଖବର ପ୍ରସାରଣ ବେଳେ ଅଧିକ ଦାୟିତ୍ୱବାନ ହେବା ପ୍ରତ୍ୟେକ ସାମ୍ବାଦିକର ଆଭିମୁଖ୍ୟ ହେବା ଉଚିତ। ବିଭିନ୍ନ ଆଲେଖ୍ୟ ଉପସ୍ଥାପନ କରି ମୌଳିକ ଦାର୍ଶନିକ ଧାରଣାରୁ ଜୀବନ ଓ ସ୍ୱାଧୀନତା ସଂପର୍କରେ ମତ ରଖି ଦାୟିତ୍ୱବାନ ସାମ୍ବାଦିକତା ଉପରେ ସେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସଂପର୍କ ବିଭାଗ ନିର୍ଦ୍ଦେଶକ ସଂଜୟ କୁମାର ବିଶ୍ୱାଳ ପୌରୋହିତ୍ୟ କରି କହିଥିଲେ ଯେ ଯୁଗ ସହ ତାଳଦେଇ ସମ୍ବାଦ ପରିବେଷଣର ପରିବର୍ତ୍ତନ ହେଉଛି। କିନ୍ତୁ ସାମ୍ବାଦିକତାର ମୌଳିକତାରେ କୌଣସି ପରିବର୍ତ୍ତନ ଆସିନାହିଁ। ବର୍ତ୍ତମାନର ଯୁବଗୋଷ୍ଠୀ ଓ ସାମାଜିକ ଗଣମାଧ୍ୟମର ବ୍ୟବହାର ସାମ୍ବାଦିକତାର ପରିଭାଷାକୁ ପରିବର୍ତ୍ତନ କରିଥିଲେ ସୁଦ୍ଧା ସମ୍ବାଦ ପରିବେଷଣର ମୌଳିକତା ଅକ୍ଷୁଣ୍ଣ ରଖିବାରେ ସମସ୍ତେ ପ୍ରୟାସ କରିବା ଉଚିତ ବୋଲି ସେ କହିଥିଲେ । ଏହି ଅବସରରେ ଅନୁଷ୍ଠିତ ମହାବିଦ୍ୟାଳୟସ୍ତରୀୟ ଓଡ଼ିଆ ଓ ଇଂରାଜୀ ବକ୍ତୃତା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସମ୍ବାଦପତ୍ର ପ୍ରଦର୍ଶନୀରେ ସହଯୋଗ କରିଥିବାରୁ ଶଶାଙ୍କ ଶେଖର ଦାଶ, 'ପେପରମ୍ୟାନ୍ ଇଣ୍ଡିଆ'ଙ୍କୁ ବିଭାଗ ପକ୍ଷରୁ ସମ୍ମାନିତ କରାଯାଇଥିଲା। ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ଉପଲକ୍ଷେ ସ୍ଥାନୀୟ ଜୟଦେବ ଭବନଠାରେ ଅନୁଷ୍ଠିତ ସମ୍ବାଦପତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଏହି ପ୍ରଦର୍ଶନୀରେ ବହୁ ପୁରାତନ ତଥା ବିଦେଶର ସମ୍ବାଦପତ୍ର ସ୍ଥାନିତ ହୋଇଥିଲା। ଏଥିରେ ବିଭିନ୍ନ ପତ୍ରପତ୍ରିକା, ବିଦେଶୀ ଖବରକାଗଜ, ଓଡ଼ିଆ ଦୈନିକ ଓ ପୁରାତନ ଖବରକାଗଜ ସମେତ ପ୍ରାୟ ଏକ ହଜାରଟି ଖବରକାଗଜ ଓ ପତ୍ରପତ୍ରିକା ସ୍ଥାନିତ ହୋଇଥିଲା। ନିର୍ଦ୍ଦେଶକ (ବୈଷୟିକ) ସ୍ମିତା କର ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଯୁଗ୍ମ ନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ । ସୂଚନା ଅଧିକାରୀ ଅଂଶୁମାନ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ବିଭାଗର ଅତିରିକ୍ତ ଶାସନ ସଚିବ ଅଜାମ୍ବର ମହାନ୍ତିଙ୍କ ସମେତ ବିଭାଗୀୟ ଅଧିକାରୀ, ବହୁ ଗଣମାଧ୍ୟମର ପ୍ରତିନିଧି ଏବଂ ବୁଦ୍ଧିଜୀବୀ ଯୋଗଦେଇଥିଲେ।

ମହାନଦୀରେ ବୁଡ଼ି ନାବାଳକଙ୍କ ମୃତ୍ୟୁ

କଟକ, ୧୬/୧୧ ନ୍ୟୁଜ ବ୍ୟୁରୋ

ମହାନଦୀରେ ଗାଧୋଇବା ବେଳେ ଅଘଟଣ। ନଦୀରେ ବୁଡ଼ି ଜଣେ ନାବାଳକଙ୍କ ମୃତ୍ୟୁ ହୋଇଛି। କଟକ ଜିଲ୍ଲା ଆଠଗଡ଼ ଅଞ୍ଚଳର ଧବଳେଶ୍ୱର ତାପେଣ୍ଡା ମହାନଦୀ ଘାଟରେ ଏହି ଦୁଃଖଦ ଘଟଣା ଘଟିଛି। ମୃତ ନାବାଳକ ଜଣକ ବିଡ଼ାନାସୀ ଥାନା ଅନ୍ତର୍ଗତ ତୁଳସୀପୁର ଅଞ୍ଚଳର ଇରଫାନ ଅଲ୍ଲୀ ବୋଲି ଜଣାପଡ଼ିଛି।ସୂଚନା ଅନୁଯାୟୀ, ତିନି ଜଣ ସାଙ୍ଗ ସ୍ଥୁଟି ଯୋଗେ ଧବଳେଶ୍ୱର ତାପେଣ୍ଡା ମହାନଦୀ ଘାଟକୁ ଗାଧୋଇବା ପାଇଁ ଆସିଥିଲେ। ଗାଧୋଇବା ସମୟରେ ଜଣଙ୍କ ଗୋଡ଼ ଖସିଯିବାରୁ ସେ ନଦୀରେ ବୁଡ଼ି ଯାଇଥିଲେ। ଏନେଇ ଖବର ପାଇ ବିଡ଼ାନାସୀ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ଖୋଜାଖୋଜି କରିଥିଲା। ପରେ ନାବାଳକଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ନିଆଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ନାବାଳକ ହାଇସ୍କୁଲ ଡ୍ରେସ ପିନ୍ଧିଥିବା ସୂଚନା ମିଳିଛି। ଅନ୍ୟପଟେ ଘଟଣାସ୍ଥଳରେ ଚୌଦ୍ୱାର ଓ ଗୁରୁଡ଼ିଝଟିଆ ପୋଲିସ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛି। ନାବାଳକଙ୍କ ଅକାଳ ମୃତ୍ୟୁକୁ ନେଇ ତୁଳସୀପୁର ସମେତ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

ରାସ୍ତାରେ ଜଳିଗଲା ବସ୍

ରାଉରକେଲା,୧୬।୧୧ନ୍ୟୁଜ ବ୍ୟୁରୋ

ଏକ ଘରୋଇ ବସ ରାଉରକେଲାକୁ ଆସୁଥିବା ବେଳେ ହନୁମାନ ବାଟିକା ନିକଟରେ ନିଆଁ ଲାଗି ଜଳିଯାଇଛି। ବସ୍‌ରେ ଥିବା ସମସ୍ତ ଯାତ୍ରୀ ସୁରକ୍ଷିତ ଅଛନ୍ତି । ଅଗ୍ନିକାଣ୍ଡରେ ଯାତ୍ରୀଙ୍କ ସମସ୍ତ ଜିନିଷପତ୍ର ଜଳିପୋଡି ପାଉଁଶ ହୋଇ ଯାଇଛି।

ହ୍ୟୁମାନ ସାଗରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ

ବାଲୁକା କଳା ନିକଟରେ ଶ୍ରଦ୍ଧାଞ୍ଜଳି ଜଣାଇଲେ ଝିଅ ନ୍ୟୁ ଏଞ୍ଜେଲ ସାଗର



ପୁରୀ, ୧୬/୧୧ ନ୍ୟୁଜ ବ୍ୟୁରୋ

ଓଡ଼ିଶାର ସୁପ୍ରସିଦ୍ଧ ତଥା ଲୋକପ୍ରିୟ କଣ୍ଠଶିଳ୍ପୀ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଅବସରରେ ପୁରୀ ବେଳାଭୂମିରେ ଏକ ସ୍ୱତନ୍ତ୍ର ବାଲୁକା ଭାସ୍କର୍ଯ୍ୟ ନିର୍ମାଣ କରି ତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି ସୁଦର୍ଶନ ସ୍ୟାଣ୍ଡ ଇନଷ୍ଟିଚ୍ୟୁଟ୍। ଏହି ସ୍ମୃତିମୟ ବାଲୁକାକଳା ନିକଟରେ ସ୍ୱର୍ଗତ ହ୍ୟୁମାନ ସାଗରଙ୍କ କନ୍ୟା ନ୍ୟୁ ଏଞ୍ଜେଲ ସାଗର ମଧ୍ୟ ତାଙ୍କ ପିତାଙ୍କୁ ଭାବବିହ୍ୱଳ ଶ୍ରଦ୍